ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଅଗଷ୍ଟ, ୨୦୨୩

**ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ ଉଦ୍‌ଘାଟିତ**

ଜୟପୁର, (ପବନ ପାଣିଗ୍ରାହୀ)-ଜୟପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଅତିରିକ୍ତ ଶ୍ରେଣୀଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏନେଇ ବିଦ୍ୟାଳୟ ପରିସରରେ ହୋଇଥିବା ସଭାରେ କୋ ଅର୍ଡିନେଟର ସ୍ୱାତୀ ଶୁଚିସ୍ମିତା ପାତ୍ର ସ୍ୱାଗତ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ଜିଲା ଶିକ୍ଷା ଓ ପ୍ରଶିକ୍ଷକ ଅନୁଷ୍ଠାନ ଅଧକ୍ଷ ରୁପଚନ୍ଦ୍ର ସୋରେନ, ବିଇଓ ଚନ୍ଦନ ନାୟକ , ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ପୌରଯନ୍ତ୍ରୀ ବିଶ୍ୱନାଥ ପାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦେବୀ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ୨୦ ଲକ୍ଷ ଟଙ୍କା ବ୍ୟୟରେ ନାଲ୍‌କୋ ଫଣ୍ଡରେ ଏହି ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ହୋଇଛି।



## ସଂକ୍ଷେପରେ

### କାର୍ଯ୍ୟାଳୟରେ ପଶୁଛି ଦୁର୍ଗନ୍ଧମୟ ପାଇଖାନା ପାଣି



ନନ୍ଦାହାଣ୍ଡି,୧୭।୮(ପ୍ରତୀପ ଦାସ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟକୁ ବର୍ଷା ଦିନ ପୂର୍ବରୁ ରଙ୍ଗ ଦେଇ ସୁନ୍ଦର କରାଯାଇଥିଲା। ବାହ୍ୟ ଚାକଚମକ କରିବାକୁ ଗୁରୁତ୍ୱ ଦେଇଥିବା ବେଳେ ପ୍ରକୃତ ସମସ୍ୟା କଣ ରହିଛି ଏବଂ ତାହାର ସମାଧାନ କିଭଳି କରାଯିବ ସେଥି ପ୍ରତି ଦୃଷ୍ଟି ଦିଅ ଯାଇ ନଥିବା ପ୍ରମାଣିତ ହୋଇଛି ଅସରାଏ ବର୍ଷା ପରେ। ବ୍ଲକ କାର୍ଯ୍ୟାଳୟରେ କେବଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପ୍ରକୋଷ୍ଠ ଏବଂ ସାମାଜିକ ସୁରକ୍ଷା ବିଭାଗ ପ୍ରକୋଷ୍ଠ ରେ ପାଇଖାନା ସୁବିଧା ରହିଛି। ଗୁରୁବାର ଅସରାଏ ବର୍ଷାରେ ସାମାଜିକ ସୁରକ୍ଷା ବିଭାଗର ପାଇଖାନାରୁ ପ୍ରବଳ ମାତ୍ରାରେ ପାଣି ଝରି ଦୁର୍ଗନ୍ଧମୟ ପାଣି ପ୍ରକୋଷ୍ଠ ମଧ୍ୟକୁ ପଶିଥିଲା। ଉକ୍ତ ପ୍ରକୋଷ୍ଠରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କା ଘର ଯୋଜନାର ସମସ୍ତ କାର୍ଯ୍ୟ ହେଉଥିବାରୁ ବହୁ ଦସ୍ତାବିଜ ଏବଂ କମ୍ପ୍ୟୁଟର ଉପକରଣ ମହଜୁଦ ରହୁଛି। ଏହି ଭଳି ବର୍ଷା ପାଣି ଝରିବା ଫଳରେ ଉଭୟ ବିଭାଗ ର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ବୈଦ୍ୟୁତିକ ଉପକରଣ ନଷ୍ଟ ହେବାର ଆଶଙ୍କା ରହିଛି। କାମ ପାଇଁ ଆସୁଥିବା ଲୋକେ ନାକ ଟେକୁଛନ୍ତି। ବିଡିଓଙ୍କୁ ପଚାରିବାରୁ ଅତି ଶୀଘ୍ର ଏହାର ମରାମତି କରାଯିବ ବୋଲି ସେ କହିଛନ୍ତି। ବର୍ଷା ଦିନରେ ପାଣି ଝରୁଥିବା ଦଦରା ଗୃହର ମରାମତି କିଭଳି ସମ୍ଭବ ଏବଂ ଏହି ସମସ୍ୟା ସମାଧାନ ପୂର୍ବରୁ କଣ ପାଇଁ କରାଯାଇ ନାହିଁ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

### ବିଦାୟ, ସ୍ୱାଗତ ସମ୍ବର୍ଦ୍ଧନା

ଉମରକୋଟ, ୧୭।୮ (ସନ୍ତୋଷ ଶତପଥୀ)

ଉମରକୋଟ ପ୍ରେସ୍ କ୍ଲବ ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ ସଭାପତିତ୍ୱରେ ଏକ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଉମରକୋଟ ନୂତନ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର ଓ ଥାନାଧିକାରୀ ଉମ୍ବରୁଧର ପ୍ରଧାନଙ୍କୁ ସ୍ୱାଗତ କରିଛନ୍ତି। ସେହିଭଳି ପୂର୍ବତନ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଓ ଏଏସ୍‌ଆଇ ନୀଳିମା ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ବିଦାୟ ଜଣାଇଛନ୍ତି। ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବା ସହ ଟ୍ରାଫିକ ସମସ୍ୟା ସମାଧନ ଦିଗରେ ଧ୍ୟାନ ଦିଆଯିବ ବୋଲି ନୂତନ ଏସ୍‌ଡିପିଓ ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସଭାପତି ମହେଶ୍ୱର ବେହେରା, ଖବରଦାତା ନଳନୀ ରଞ୍ଜନ ମିଶ୍ର, ସଞ୍ଜିତ ବିଶ୍ୱାସ, ଅନୁରାଗ ପଟ୍ଟନାୟକ ସନ୍ତୋଷ ଶତପଥୀ, ସନ୍ତୋଷ ପାତ୍ର, ଯୁଗଳ କିଶୋର ସାହୁ, ନିରଞ୍ଜନ ବେହେରା, ନିରଞ୍ଜନ ଗଣ୍ଡ, ସତ୍ୟ ରାଉତ, କୃଷ୍ଣଚନ୍ଦ୍ର ସାହୁ, ହିମାଂଶୁ ଜେନା, ଗିରିଧର ମାଝି, ସମିର ପତି, ଜିତୁ ମାଳି, ରବୀନ୍ଦ୍ର ସ୍ୱାଇଁ, ଜୁମେରା ସାନ୍ତା ପ୍ରମୁଖ ଉପସ୍ଥିତ ଥିଲେ। କୁନା ସାହୁ ଧନ୍ୟବାଦ ଦେଇଥିଲେ।

# କ୍ଷତିପୂରଣ ଦାବିରେ ୬ ଘଣ୍ଟା ରାସ୍ତାରୋକୋ

**ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ**

ତେନ୍ତୁଳିଖୁଣ୍ଟି, ୧୭।୮(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି-ଇନ୍ଦ୍ରାବତୀ ରାସ୍ତାର ଚରାମୂଳା ଛକ ନିକଟରେ ବୁଧବାର ରାତି ପ୍ରାୟ ୮ଟାରେ ବୋଲେରୋ ବାଇକ୍ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତେନ୍ତୁଳିଖୁଣ୍ଟି ସଦର ପଞ୍ଚାୟତ ଅଧୀନ ଇଚ୍ଛାପୁର ଗ୍ରାମର ଡି.ଶଙ୍କର ରାଓ (୫୫)। ଗୁରୁବାର ସକାଳୁ କ୍ଷତିପୂରଣ ଦାବିକରି ମୃତକଙ୍କ ପରିବାର, ଚରାମୂଳା, ଇଚ୍ଛାପୁର ଗ୍ରାମବାସୀ ଚରାମୂଳାରେ ୬ଘଣ୍ଟା ରାସ୍ତାରୋକୋ କରିଥିଲେ। ଏସ୍‌ଡିପିଓ ଆଦିତ୍ୟ ସେନ, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ଖାତିଗୁଡା ଥାନାଧିକାରୀ ମହେଶ ଚନ୍ଦ୍ର ଗୋଲାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ରାସ୍ତାରୋକୋ ହଟି ନ ଥିଲା। ବୋଲେରୋ ମାଲିକ କ୍ଷତିପୂରଣ ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ ଇଚ୍ଛାପୁର ଗ୍ରାମର ଡି.ଶଙ୍କର ରାଓ କୌଣସି କାର୍ଯ୍ୟରେ ବୁଧବାର ଚରାମୂଳା ଗ୍ରାମକୁ ଯାଇଥିଲେ। ସେ ରାତି ପ୍ରାୟ ୮ଟାରେ ନିଜ ଗାଡ଼ିରେ ଘରକୁ ଫେରିବାବେଳେ ତେନ୍ତୁଳିଖୁଣ୍ଟି ଟିପିଏସ୍‌ଓଡିଏଲ୍ ଲାଗିଥିବା ଗାଡ଼ି (ଓଡି-୩୦-୨୬୮୫) ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା। ଗାଡ଼ି ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଗାଡ଼ିକୁ ଜବତକରି ଥାନାକୁ ଆଣିଥିଲା। ଗୁରୁବାର ଡ୍ରାଇଭର ଭୁବନ ସାହୁଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି। କେସ୍ ନମ୍ବର ୧୬୨/୨୩ ରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହା ଭିତରେ କ୍ଷତିପୂରଣ ଦାବିକରି ଚରାମୂଳା, ଇଚ୍ଛାପୁର ଗ୍ରାମବାସୀ ଚରାମୂଳା ଛକରେ ରାସ୍ତାରୋକୋ କରିଥିଲେ। ପୋଲିସ ଅଧିକାରୀମାନେ ରାସ୍ତାରୋକୋ ହଟାଇବାକୁ ଚେଷ୍ଟା କରିଥିଲେ। ତଥାପି ଲୋକେ ଉଠି ନ ଥିଲେ। ବୋଲେରୋ ମାଲିକ ୧ ଲକ୍ଷ ୨୦ହଜାର ଟଙ୍କା କ୍ଷତିପୂରଣ ଦେବାକୁ ରାଜି ହୋଇଥିଲେ। ଟାଟା କମ୍ପାନୀ କୋଅର୍ଡିନେଟର ଅସୀମ ପାଣିଗ୍ରାହୀ ମୃତକଙ୍କ ପରିବାରର ଜଣଙ୍କୁ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୬ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା। ତେନ୍ତୁଳିଖୁଣ୍ଟି ତହସିଲଦାର ହିମାଂଶୁ ଶେଖର ନାୟକ ରେଡ୍‌କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ନବରଙ୍ଗପୁର ମେଡ଼ିକାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି।


ମୃତକଙ୍କ ପରିବାର, ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ବେକରେ ପଥର ବନ୍ଧା ଅବସ୍ଥାରେ ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

କୋଡିଙ୍ଗା,୧୭।୮(ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ନୂଆଗୁଡ଼ା ଗ୍ରାମ ନିକଟସ୍ଥ ପୋଖରୀରୁ ଗୁରୁବାର ଜଣେ ଯୁବକଙ୍କ ଗଳିତ ମୃତଦେହ କୋଡିଙ୍ଗା ପୋଲିସ ଜବତ କରିଛି। ମୃତକ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅଧୀନ କଂଗ୍ରା ପଞ୍ଚାୟତ କନ୍ଦଗୁଡ଼ା ଗ୍ରାମର ରମେଶ କୁମ୍ଭାର(୪୫)। ମୃତକଙ୍କ ପରିବାର ଲୋକେ ରମେଶଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି।

ଗୁରୁବାର ସକାଳେ ନୂଆଗୁଡା ଗ୍ରାମ ନିକଟସ୍ଥ ପୋଖରୀରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ କୋଡ଼ିଙ୍ଗା ପୋଲିସକୁ ଖବର ଦେଇଥିଲେ। କୋଡ଼ିଙ୍ଗା ପୋଲିସ ଓ କୋଷାଗୁମୁଡ଼ା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଯୁବକଙ୍କ ବେକରେ ଏକ ବଡ ପଥର ବନ୍ଧା ଯାଇଥିବା ଦେଖିବାକୁ ମିଳିଥିଲା। ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ୍, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ମୃତକଙ୍କ ଭାଇ ଗଣପତି କୁମ୍ଭାର କୋଡ଼ିଙ୍ଗା ଥାନାରେ ରମେଶଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଛନ୍ତି। କୋଡ଼ିଙ୍ଗା ପୋଲିସ ୧୭୮/ ୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନାଧିକାରୀ ଯୁଗଳ ଶବର ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ରମେଶ କିଛିଦିନ ତଳେ କୋଡ଼ିଙ୍ଗା ଥାନା ଅଧୀନ ସିଙ୍ଗିଗୁଡ଼ାସ୍ଥିତ ନିଜ ଶ୍ୱଶୁର ଘରକୁ ଆସିଥିଲେ। ଗତ ମଙ୍ଗଳବାରରୁ ରମେଶ ନିଖୋଜ ଥିଲେ।

# ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ଭତ୍ତା


ଜଣେ ହିତାଧିକାରୀଙ୍କୁ ଏମ୍‌ପି ସହାୟତା ଦେଉଛନ୍ତି।

ଉମରକୋଟ, ୧୭।୮(ସନ୍ତୋଷ ଶତପଥୀ)

ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଓ ମଧୁବାବୁ ପେନସନ, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧୀକାରୀଙ୍କୁ ଟଙ୍କା ବଣ୍ଟନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ପୌରାଧଧା ଭତ୍ରା, ଉପାଧକ୍ଷ ସୁଧାଂଶୁ ଦାସ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପୌରାଞ୍ଚଳର ୧୦୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇ ଥିଲା। ମଧୁ ବାବୁ ପେନସନ ଯୋଜନାରେ ୨୧ ଓ ହରିଶ୍ଚନ୍ଦ୍ର ଯୋଜନାରେ ୭ ହିତାଧିକାରୀଙ୍କୁ ଟଙ୍କା ପ୍ରଦାନ କରାଯାଇଛି। ଏହି ସମୟରେ କାଉନ୍‌ସିଲର ଚିତରଞ୍ଜନ ପାତ୍ର, ନେତ୍ର ହରିଜନ, ମନୋଜ ନାୟକ, ସରୋଜିନୀ ଶବର, ନୀଲମ ହରିଜନ, ସଞ୍ଜୟ ସରକାର, ଇତିଶ୍ରୀ ଦଳେଇ, ଚିନ୍ମୟ ଠାକୁର, ଶିଖା ରାଣୀ ସରକାର, ରେବା ମଣ୍ଡଳ, କନକଲତା ନାୟକ, ମୁନାପାଢୀ, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦାୟିତ୍ୱରେ ଥିବା ଅଧିକାରୀ ଶୁଭେନ୍ଦୁ ପ୍ରଧାନ ବିନୋଦ ମହାନ୍ତି, କୈଳାଶ ନାୟକ, ସଲିମ ରାଠୋଡ, ସତ୍ୟ ପଟ୍ଟନାୟକ, ସନ୍ତୋଷ ପରିଚ୍ଛା, ଅକ୍ଷୟ ବିଷୋୟୀ, ସୀମାଞ୍ଚଳ ବିଷୋୟୀ, ଜଗନ୍ନାଥ ପାଳ ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ରଷି ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ

**ଓଏଭି ସଙ୍ଗଠନ ନିର୍ଦ୍ଦେଶିକାଙ୍କ ୨ଦିନିଆ ନବରଙ୍ଗପୁର ଗସ୍ତ କାର୍ଯ୍ୟକ୍ରମ ଶେଷ**

ନବରଙ୍ଗପୁର,୧୭।୮(ସଦାଶିବ ପ୍ରହରାଜ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ସଙ୍ଗଠନ ନିର୍ଦ୍ଦେଶିକା ତଥା ଗଣ ଶିକ୍ଷା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶିକା ଯାମିନୀ ଷଡଙ୍ଗୀଙ୍କ ୨ଦିନିଆ ନବରଙ୍ଗପୁର ଗସ୍ତ ଶେଷ ହୋଇଛି। ସେ ବୁଧବାର ନବରଙ୍ଗପୁର ଆଦର୍ଶ ବିଦ୍ୟାଳୟ, ପାପଡାହାଣ୍ଡି ବ୍ଲକ ଶିରିଶି ୫-ଟି ସ୍କୁଲ ଓ କୋଷାଗୁମୁଡା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ନିର୍ଦ୍ଦେଶିକା ଷଡ଼ଙ୍ଗୀ ସନ୍ଧ୍ୟାରେ ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଶିକ୍ଷା ବିଭାଗ ସହ ଜଡିତ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଜିଲାପାଳ କମଳଲୋଚନ ମିଶ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଏଡିଇଓ ରେଶମ ଲାଲ ନାୟକ, ପିଏ ଆଇଟିଡିଏ ରାଜୀବ ସାହୁ, ସମଗ୍ର ଶିକ୍ଷା ଅଭିଯାନ ଜିଲା ଯୋଜନା ସଂଯୋଜକ, ସମସ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ସମୀକ୍ଷା କରାଯାଇଥିଲା। ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟର ଉନ୍ନତୀକରଣ ଓ ଭିତ୍ତିଭୂମି ଉପରେ ଆଲୋଚନା ହୋଇଥିଲା। ଗୁରୁବାର ରାଇଘର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠ ଓ ଡାବୁଗାଁ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଭାବ ବିନିମୟ କରିଥିଲେ।


ବୈଠକରେ ଆଲୋଚନା ଚାଲିଛି।

### ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ବୈଠକ

ଡାବୁଗାଁ, ୧୭।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଘରକୁ ଘର ଯାଇ ଭୋଟର ତାଲିକା ଯାଞ୍ଚ କରାଯାଉଛି। ବୁଥ୍‌ସ୍ତରୀୟ ଅଧିକାରୀମାନ ବିଏଲ୍‌ଓ ଆପ ମାଧ୍ୟମରେ ମୋବାଇଲରେ ଏହି ସର୍ଭେ କରୁଛନ୍ତି। ଏହି ସର୍ଭେର ଅଗ୍ରଗତି ଉପରେ ଆଲୋଚନା କରଯାଇଥିଲା। ବୈଠକରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ସୁପରଭାଇଜର ଧନସିଂ ତନ୍ତି, ରତିକାନ୍ତ ନାୟକ, ବିକାଶରଞ୍ଜନ ନିଶଙ୍କ, ରାଇସିଂ ପୂଜାରୀ, କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସମେତ ବ୍ଲକର ୫୪ ବୁଥ୍‌ର ଅଧିକାରୀ ଉପସ୍ଥିତ ଥିଲେ।

### କଲେଜରେ ପାଠଚକ୍ର

ନବରଙ୍ଗପୁର,୧୭।୮(ସଦାଶିବ ପ୍ରହରାଜ)

ସ୍ୱାଧୀନତା ଦିବସ ଉପଲକ୍ଷେ ନବରଙ୍ଗପୁର ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଭାସ୍କରନାଥ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସେ ପୁରସ୍କୃତ କରିଛନ୍ତି। କଲେଜରେ 'ଆମ ମହାବିଦ୍ୟାଳୟ – ଅତୀତ ଓ ଭବିଷ୍ୟତ' ଶୀର୍ଷକ ସେମିନାର ଆୟୋଜିତ ହୋଇଥିଲା। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ, ଇଂଲିଶ ବିଭାଗ ମୁଖ୍ୟ ଘାସିରାମ ବେହେରା, ଓଡ଼ିଆ ବିଭାଗ ମୁଖ୍ୟ ଡ. ନନ୍ଦିତା ମିଶ୍ରଙ୍କ ପକ୍ଷରୁ ଅଧ୍ୟାପକ ପ୍ରିୟବ୍ରତ ସାହୁ ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ତତ୍କାଳୀନ ଉପଜିଲାପାଳ ବିନୋଦ ଝାଙ୍କର ସ୍ୱପ୍ନ, ସ୍ୱର୍ଗତ ବିନାୟକ ମିଶ୍ର ଓ ସ୍ୱର୍ଗତ ଲମ୍ବୋଦର ସାମନ୍ତରାଙ୍କ ଭୂମିଦାନ, ସ୍ଥାନୀୟ ଅଧିବାସୀଙ୍କ ଅକୁଣ୍ଠ ସହଯୋଗ ତଥା ହାଟ ହାଟ ବୁଲି ପାଣ୍ଠି ସଂଗ୍ରହ କଥା ସହ ଏଠାରୁ ବାହାରିଥିବା କୃତୀ ଛାତ୍ରୀଛାତ୍ରଙ୍କ ଉଚ୍ଚସ୍ତରୀୟ ସଫଳତା କଥା ସନ୍ଦର୍ଭରେ ଆଲୋଚିତ ହୋଇଥିଲା। ପାଠଚକ୍ର ପରେ ଅଧ୍ୟାପିକା ଅଧ୍ୟାପକମାନେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରଜନୀ ମିଞ୍ଜ ସମଗ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ସାର ଅଧିକ ଦରରେ ବିକିଲେ ଲାଇସେନ୍ସ ବାତିଲ ଚେତାବନୀ

- ସାର ବିକ୍ରେତାଙ୍କୁ ନେଇ ଏକ ସମୀକ୍ଷା
- ନାନୋ ସାର ବ୍ୟବହାର କର୍ମଶାଳା

ତେନ୍ତୁଳିଖୁଣ୍ଟି, ୧୭।୮(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କୃଷି ବିଭାଗ ଓ ସମନ୍ୱିତ କୃଷକ ପରାମର୍ଶ କେନ୍ଦ୍ରରେ ଗୁରୁବାର ବ୍ଲକର ସାର ବିକ୍ରେତାଙ୍କୁ ନେଇ ଏକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୨୨ଜଣ ସାର ବିକ୍ରେତାଙ୍କ ଷ୍ଟକ ଓ କ୍ୟାସ ରେଜିଷ୍ଟର ଯାଞ୍ଚ କରା ଯାଇଥିଲା। ଚଳିତ ବର୍ଷ ବର୍ଷା ବିଳମ୍ବ ଯୋଗୁ ସାର ବିକ୍ରି ଅନ୍ୟବର୍ଷ ତୁଳନାରେ କମ୍ ରହିଛି। ସାର ଅଧିକ ଦରରେ ବିକ୍ରି ନେଇ ଯଦି କୌଣସି ଅଭିଯୋଗ ଆସେ ତେବେ ଲାଇସେନ୍ସ ବାତିଲ କରିଦିଆ ଯିବ ବୋଲି ବିକ୍ରେତାଙ୍କୁ ଚେତବନୀ ଦିଆଯାଇଛି।

ସାର ବିକ୍ରେତାଙ୍କୁ ନେଇ ନାନୋ ସାରର ଉପକାରିତା ସମ୍ପର୍କୀୟ କର୍ମଶାଳା କରାଯାଇଥିଲା। ନାନୋ ସାର କାହିଁକି ଚାଷୀଙ୍କୁ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯିବ ସେ ନେଇ ଇଫ୍‌କୋ ଏରିଆ ମ୍ୟାନେଜର ଦେବ ପ୍ରସାଦ ପଣ୍ଡା ବୁଝାଇଥିଲେ। ନାନୋ ସାର ପ୍ରୟୋଗରେ ଜମିକୁ ଆବଶ୍ୟକ ପରିମାଣର ସାର ମିଳିବ, ପରିବହନ ଖର୍ଚ୍ଚ ଓ ଶ୍ରମ କମ୍ ଲାଗିବ ବୋଲି ବିକ୍ରେତାଙ୍କୁ କୁହାଯାଇଛି। ନାନୋ ୟୁରିଆ ଓ ଡିଏପି ଆସିଯାଇଛି। ଏହାର ପ୍ରୟୋଗ ଦ୍ୱାରା ମୃତ୍ତିକା, ପରିବେଶ ଓ ଫସଲ ସୁରକ୍ଷିତ ରହିବ। ଷ୍ଟକ ରଖିବାକୁ ବିରାଟ ଗୋଦାମ ଆବଶ୍ୟକ ପଡିବନି, ଷ୍ଟକ ଅଧିକ ସୁରୁଖୁରୁରେ ବ୍ୟାପାର କରିପାରିବେ। ଚାଷୀଙ୍କୁ ଦାନାଦାର ସାରର ବିକଳ୍ପ ନାନୋ ସାର ବୋଲି ବୁଝାଇବାକୁ ଜିଲା କୃଷି ଅଧିକାରୀ ବିଧୁଭୂଷଣ ମହାକୁଲ ଓ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ଓଭରସିୟର ହରିଶଙ୍କର ତ୍ରିପାଠୀ, ଧୀରେନ୍ ବେନ୍ୟା, ମଧୁସ୍ମିତା ପତି, ବନ୍ଦିତା ମହାରଣା, ଜିତେନ୍ଦ୍ର ଟାକ୍ରୀ, ଏଟିଏମ୍ ବାଳଗୋବିନ୍ଦ ସାହୁ ଓ ଆଶିଷ ପରିଡ଼ା ପରିଚାଳନା କରିଥିଲେ।


କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ସାର ବିକ୍ରେତାମାନେ।

# ୧୫ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ


ପ୍ରାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

**କ୍ରେଡିଟ୍, ଥ୍ରିଫ୍ଟ ସମବାୟ ସମିତି ନିର୍ବାଚନ**

ମାଲକାନଗିରି,୧୭।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି କ୍ରେଡିଟ୍ ଏବଂ ଥ୍ରିଫ୍ଟ ସମବାୟ ସମିତି ଲିମିଟେଡ୍ ତରଫରୁ ବୁଧବାର ଅନୁଷ୍ଠିତ ନିର୍ବାଚନରେ ୧୫ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମବାୟ ସମିତି ଲିମିଟେଡ୍ କମିଟି ସଭାପତି, ଉପସଭାପତି ଓ ସଦସ୍ୟ ନିର୍ବାଚନ ପାଇଁ ଓଡ଼ିଶା ସମବାୟ ସମିତି ନିୟମାବଳୀ ୧୯୯୨ର ନିୟମ ୧୪ରେ ଥିବା ବ୍ୟବସ୍ଥା ଅନୁଯାୟୀ ୧୫ ପ୍ରାର୍ଥୀଙ୍କ ମଧ୍ୟରେ ସଭାପତି ଭାବେ ଆଇନଜୀବୀ ଶଙ୍କର ଚନ୍ଦ୍ର ସାହା ଓ ଉପସଭାନେତ୍ରୀ ଗୀତା ବାଗ୍‌ଚୀ ମନୋନୀତ ହୋଇଛନ୍ତି। ସଦସ୍ୟ ଭାବେ ରାମଚନ୍ଦ୍ର ମାଡ଼କାମି, ଦୀପକ କୁମାର ବିଶ୍ୱାସ, ଶଶାଙ୍କ ମଣ୍ଡଳ, ସର୍ବକୁମାର ବିଶୋଇ, ସୁବର୍ଣ୍ଣ ଶୀଲ, କାର୍ତ୍ତିକ ମଣ୍ଡଳ, ଅରୁଣ ସରକାର, ବନିତା ମଣ୍ଡଳ, ବିଶ୍ୱଜିତ ମଲ୍ଲିକ, ସଦାନନ୍ଦ ଖରା, ନିରୁପମା ବେପାରୀ, ଆଲୋକ କୁମାର ମଲ୍ଲିକ ଓ କରୁଣା ସମଦାର ପ୍ରମୁଖ ସଦସ୍ୟ ନବ ନିର୍ବାଚିତ ହୋଇଛନ୍ତି। ଏଥିରେ ସମବାୟ ସମିତି ନିର୍ବାଚନ ଅଧିକାରୀ ଅର୍ଜୁନ କୁମାର ମହନ୍ତ ୧୫ଜଣ ପ୍ରାର୍ଥୀଙ୍କୁ ମାନପତ୍ର ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁଶାନ୍ତ ମଣ୍ଡଳ କାର୍ଯ୍ୟ ପରିଚାଳନା କରିଥିଲେ।

# ପୌର ପରିଷଦ କାର୍ଯ୍ୟାଳୟ ଘେରିଲା ଭାଜପା

ଉମରକୋଟ, ୧୭।୮(ସନ୍ତୋଷ ଶତପଥୀ)

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ବାହାରି ଉମରକୋଟ ପୌର କାର୍ଯ୍ୟାଳୟ ଘେରାଉ କରିଛି। ୧୧ ଦଫା ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପୌର ନିର୍ବାହୀ ଅଧିକାରୀ ରଷି ମାଝିଙ୍କୁ ପ୍ରଦାନ କରାଯାଇଛି।

ଏସ୍‌ଡିଏ କାର୍ଯ୍ୟରେ ଦୁର୍ନୀତି, ସହର ଭିତରକୁ ପ୍ରବେଶ କରୁଥିବା ଗାଡିର ପାର୍କିଂ ଟ୍ୟାକ୍ସ ସଂଗ୍ରହ ବିନା ଟେଣ୍ଡରରେ କରାଯାଇଥିବା, ମୁକ୍ତା ଯୋଜନାରେ ଭୂତଳ ଜଳ ସଂରକ୍ଷଣ ନିମନ୍ତେ ହୋଇଥିବା ଶୋକ ପିଟ ଟ୍ୟାଙ୍କ ନିର୍ମାଣରେ ମହା ଦୁର୍ନୀତି ଓ ଏହାର ଭିଜିଲାନ୍ସ ତଦନ୍ତ, ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଗୃହ ଓ ଠିକ ସମୟରେ ଆବାସ ଟଙ୍କା ମିଳୁନଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଉମରକୋଟ ଜାଗା ମିଶନ ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ହୋର୍ଡିଂ ଲଗାଯାଇ ଥିଲେ ମଧ୍ୟ ଲୋକଙ୍କୁ ଜଗା ପ୍ରମାଣପତ୍ର ମିଳିନି। ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ତୁରନ୍ତ ପ୍ରଦାନ, ଉମରକୋଟ ସାପ୍ତାହିକ ହାଟରେ ନୂତନ ଦୋକାନ ଗୃହ କାର୍ଯ୍ୟ, ଡ୍ରେନ, ରାସ୍ତା କାର୍ଯ୍ୟ ଶେଷ ହୋଇନାହିଁ। ଅଧିକାଂଶ ୱାର୍ଡରେ ରାସ୍ତା ନ ଥିବା, ରାସ୍ତାରେ ବୁଲା ଗୋରୁ ବୁଲୁଥିବାରୁ ଦୁର୍ଘଟଣା ଘଟୁଛି। ତେଣୁ ସେମାନଙ୍କୁ କାଞ୍ଜିହଦାରେ ରଖିବା, ନାଳ ନର୍ଦ୍ଦମା ସଫା କରି ବ୍ଲିଚିଂ ଓ ମଶା ତେଲ ସିଞ୍ଚନ, ଗୋଷ୍ଠୀ ଶୌଚାଳୟ ବ୍ୟବହାର ଯୋଗ୍ୟ କରିବା, ପାଇଖାନ ନିର୍ମାଣରେ ଦୁର୍ନୀତିର ତଦନ୍ତ ଦାବି କରଯାଇଛି। ଦାବିପତ୍ର ପ୍ରଦାନବେଳେ ନବରଙ୍ଗପୁର ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ସୁରେଶ ଆଚାର୍ଯ୍ୟ, ମିଲୁ ପଣ୍ଡା, ସତ୍ୟ ବେହେରା, କାଉନସିଲର କନକଲତା ନାୟକ, ରାମ ନାୟକ, ରମେଶ ଚନ୍ଦ୍ର ଦାସ, ସୀତାରାମ ପାଣ୍ଡେ, ଗୋପୀନାଥ ସାହୁ, ପ୍ରଭାତ ନାୟକ, ମହିଳା ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମନ୍ଦୀରା ନାୟକଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।


ବିଧାୟକ ଓ ଅନ୍ୟ ଭାଜପା ନେତା, କର୍ମୀମାନେ ଦାବିପତ୍ର ଦେଉଛନ୍ତି।

# ୧୧ ଦିନ ପରେ ବର୍ଷା, ଚାଷୀ ସାମାନ୍ୟ ଆଶ୍ୱସ୍ତ

ଉମରକୋଟ, ୧୭।୮(ସନ୍ତୋଷ ଶତପଥୀ)

ଶ୍ରାବଣ ମାସରେ ପ୍ରବଳ ବର୍ଷା ହେବା କଥା। କିନ୍ତୁ ଚଳିତ ବର୍ଷ ବର୍ଷା ଉଭାନ ପ୍ରାୟ। ଦୀର୍ଘ ୧୧ ଦିନ ପରେ ନବରଙ୍ଗପୁର ଜିଲା ଉମରକୋଟରେ ଗୁରୁବାର ବର୍ଷା ହୋଇଛି। ବର୍ଷା ନ ଥିବାରୁ ଧାନଜମିଗୁଡ଼ିକ ଫାଟି ଆଁ କରିଥିଲା। ରୁଆ ସରିଥିବା ୪୦ ଭାଗର ଉର୍ଦ୍ଧ୍ୱ ଜମିରେ ପାଣି ଅଭାବରୁ ତଳିଗୁଡ଼ିକ ହଳଦିଆ ପଡ଼ିବାକୁ ବସିଥିଲା। ଏପରି କି ୨୦ ଭାଗ ଜମିରେ ପାଣି ନ ଥିବାରୁ କାଦୁଅ ହୋଇପାରୁନି। ଫଳରେ ରୁଆ କାର୍ଯ୍ୟ ମଧ୍ୟ ସରି ନ ଥିଲା। ଏପରି ସ୍ଥିତିରେ ଗୁରୁବାର ହୋଇଥିବା ବର୍ଷା ଚାଷୀଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି।

୧୧ ଦିନ ହେଲା ଉମରକୋଟରେ ବର୍ଷା ନ ଥିଲା। ଅଗଷ୍ଟ ୨ରେ ୧୯.୨ ମି.ମି. ବର୍ଷା ହେଇଥିବା ବେଳେ ୩ରେ ସର୍ବାଧିକ ୨୦.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିପରି ୪ରେ ୪.୮ ଓ ୫ରେ ୫.୧ ମି.ମି. ବର୍ଷା ଉମରକୋଟରେ ହେଇଥିବା ରେକର୍ଡ଼ କରାଯାଇଛି। ୬ ରୁ ୧୬ ତାରିଖ ପର୍ଯ୍ୟନ୍ତ ଉମରକୋଟରେ ବର୍ଷା ହୋଇନାହିଁ। କେତେଜଣ ଚାଷୀ ଜମି ଠିକ୍ ସେ କାଦୁଅ ନ କରି ମଧ୍ୟ ତଳି ରୋପଣ କରିଥିବା ଦେଖିବାକୁ ମିଳିଛି। ବର୍ଷା ଅଭାବରୁ ଜମି ଫାଟି ଆଁ କରିଥିଲା। ମଧ୍ୟମ କିସମ ଜମି ଓ ତଳିଆ ଜମିରେ ସାମାନ୍ୟ ଆର୍ଦ୍ରତା ଥିବାରୁ ଧାନ ଗଛ ସାମାନ୍ୟ ଠିକ୍ ଅଛି। କିନ୍ତୁ ଉଚ୍ଚ ଜମିରେ ଲାଗିଥିବା ଧାନଚାଷ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଉମରକୋଟରେ ୩୦ ପ୍ରତିଶତ ବର୍ଷା କମ୍ ହୋଇଛି ବୋଲି ସହକାରୀ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା କହିଛନ୍ତି।

ସମାନ ଅବସ୍ଥା ମକା ଫସଲରେ ମଧ୍ୟ ଦେଖିବାକୁ ମିଳିଛି। ପାଣି ଅଭାବରୁ ମକା ଗଛ ବଢ଼ିପାରିନାହିଁ। କିଛି ସ୍ଥାନରେ ମକା ଗଛ ହଳଦିଆ ହେବାକୁ ବସିଲାଣି। ସବୁଠାରୁ ଚାଷୀକୁ ବିପଦ ମୁଖକୁ ଠେଲି ଦେଲା ଭାସ୍କେଲ ଜଳସେଚନ ବିଭାଗ। ନିର୍ମାଣ ନାମରେ ଡ୍ୟାମ୍‌ର ପାଣିକୁ ତେଲ ନଦୀରେ ଛାଡ଼ିଦେଲେ। ବର୍ତ୍ତମାନ ଡ୍ୟାମ୍‌ରେ କମ୍ ପାଣି। ଉକ୍ତ ପାଣି କେବଳ ଉମରକୋଟ ସହର ଓ କିଛି ଆଖ ପାଖ ଅଞ୍ଚଳରେ ଥିବା ଜଳସେଚିତ ଜମିକୁ ପହଞ୍ଚି ପାରିଛି। ୫୦ପ୍ରତିଶତ ଜଳସେଚିତ ଜମିକୁ ଡ୍ୟାମ ପାଣି ପହଞ୍ଚି ପାରୁ ନ ଥିବା ଅଞ୍ଚଳର ବିଶିଷ୍ଟ ଚାଷୀ ତଥା ପୂର୍ବତନ ପାଣି ପଞ୍ଚାୟତର ସଭାପତି ସନ୍ତୋଷ ସୂତ୍ରଧର କହିଛନ୍ତି। ବ୍ୟାଙ୍କ ଓ ବ୍ୟବସାୟୀଙ୍କଠାରୁ ବିହନ ଓ ସାର ଉଧାରରେ ଆଣି ଚାଷ କାର୍ଯ୍ୟ କରିଥିବା ଚାଷୀ ବର୍ତ୍ତମାନ ଏହାକୁ କିପରି ସୁଝିବେ ଚିନ୍ତାରେ ଥିଲେ। ବର୍ଷା ଦେଖି ସେମାନେ ଖୁସି। ଏହି ସମୟରେ ରୁଆ ଆଦି କାମ କରାଯିବ ବୋଲି ସେମାନେ କହିଛନ୍ତି। ପ୍ରତିଦିନ ପ୍ରତି ଗ୍ରାମକୁ ଯାଇ ଚାଷର ସ୍ଥିତି ଅନୁଧ୍ୟାନ କରାଯାଉଛି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇ ଜିଲା ପ୍ରଶାସନକୁ ଅବଗତ କରାଯାଉଛି ବୋଲି ବ୍ଲକ କୃଷି ଅଧିକାରୀ ନୀଳକଣ୍ଠ ପରିଡ଼ା ସୂଚନା ଦେଇଛନ୍ତି।


ବର୍ଷା ହେବା ପରେ ଜଣେ ଚାଷୀ ଜମିରେ କାମ କରୁଛନ୍ତି ।

**ସଂକ୍ଷେପରେ**

## 'ରାୟଗଡ଼ା ଜିଲାର ଦାରିଦ୍ର୍ୟତା' ଶୀର୍ଷକ ଆଲୋଚନାଚକ୍ର

ରାୟଗଡା,୧୭।୮(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆଜାଦ ହିନ୍ଦ ୟୁଥ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ 'ରାୟଗଡ଼ା ଜିଲାର ଦାରିଦ୍ର୍ୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ୟୁଥ ଆସୋସିଏଶନ୍ ସମ୍ପାଦକ ବିନାୟକ କରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଏନ ଭାସ୍କର ରାଓ ଯୋଗଦେଇ ଶୁଭାରମ୍ଭ କରିଥିଲେ। ପ୍ରାଧ୍ୟାପକ ଡ଼. ଦୁଷ୍ମନ୍ତ କୁମାର ମହାନ୍ତି, ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼.ବବିଲତା ସରଫ, ଡ଼ ମାନସୀ ମହାନ୍ତି, ପି. ଅରୁଣ କୁମାର ପ୍ରମୁଖ ନିଜ ନିଜର ମତ ପ୍ରକାଶ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠ କରାଯାଇଥିଲା। ନୀଳମଣି ପାଢୀଯୋଶୀ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସୁଶାନ୍ତ କୁମାର ନାୟକ, ରାଜ ଲକ୍ଷ୍ମୀ ଦେବୀ, ଅର୍ଚ୍ଚନା ପଟ୍ଟନାୟକ, ଲୋକ ନାଥ ପଣ୍ଡାଙ୍କ ସହ ଅନେକ କବି କବିୟତ୍ରୀ କବିତା ପାଠ କରିଥିଲେ। ତୃତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ।

## ସାମାଜିକ କର୍ମୀ ସମ୍ବର୍ଦ୍ଧିତ



ଗୁଣପୁର,୧୭।୮(ପ୍ରଦୀପ କୁମାର ପାଢୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଲତାର ପଞ୍ଚାୟତ ଲିମାଲିଗୁଡା ଗ୍ରାମର ଲୋହିତ ପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାସ୍ତାଘାଟ ପରିଷ୍କାର ସହ ସ୍ୱଚ୍ଛତା ପାଇଁ ଗାଁରେ କାର୍ଯ୍ୟ କରୁଥିବାରୁ ଲିମାଲିଗୁଡ଼ାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଲୋହିତଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ବିନୋଦିନି ଶବର, ଅବସରପ୍ରାପ୍ତ ଶିକ୍ଷକ ଯୁବକଚନ୍ଦ୍ର ପାଲକା,ସଞ୍ଜିବ ଲିମା, ବରିଷ୍ଠ ନାଗରିକ ଅମୃଜ ନାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମିତ କୁମାରଲିମା, ଶିକ୍ଷକ କମଳାକାନ୍ତ ଖୁଣ୍ଟିଆ ଓ ରାଜେନ୍ଦ୍ର କୌଶଲ୍ୟା, ଜଗଦୀଶ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

## ଚାରା ରୋପଣ କଲେ ବାଳିକା

ଟିକିରି,୧୭।୮ (ପ୍ରଫୁଲ କୁମାର ବେହେରା)

କାଶୀପୁର ବ୍ଲକର ୩ଟି ପଞ୍ଚାୟତର କିଶୋରୀ ବାଳିକାମାନେ ପରିବେଶ ସୁରକ୍ଷା ନେଇ ରେଙ୍ଗା, ଚମ୍ପାଯୋଡ଼ି, ଢୁମେଲ, ତେଲେଙ୍ଗିରି ଓ ଚରଣୀ ମାରିଭଟା ଗ୍ରାମରେ ୭୦ଟି ଲେଖାଏ ଚାରା ଲଗାଇଛନ୍ତି। ସେହିପରି ଥୁଟିବରରେ ୩୦୨,ଡେଙ୍ଗାଗୁ ମୁଷ୍ଟୁରିପଦର, ରାମଗୁଡା ଓ ମଇଲିଗୁଡାରେ ୧୬୦ଟି ଲେଖାଏ ଚାରା ଲଗାଯାଇଛି। ସୂଚନାଯୋଗ୍ୟ, କାଶୀପୁର ବ୍ଲକର ୨୦ ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲିଭିଂ ଫାର୍ମସ ଗ୍ରାମର କିଶୋରୀ ବାଳିକାଙ୍କ ପୁଷ୍ଟି, ସ୍ୱାସ୍ଥ୍ୟ ଓ ନେତୃତ୍ୱ ନେବାର ବିକାଶ ଦିଗରେ କାର୍ଯ୍ୟ କରୁଛି। କିଶୋରୀଙ୍କୁ ନେଇ ପ୍ରତ୍ୟେକ ଗ୍ରାମରେ କିଶୋରୀ ଦଳ ଗଠନ କରାଯାଇଛି। ବାଳିକାଙ୍କ ପୁଷ୍ଟିର ଉନ୍ନତି ଲାଗି ଖାଦ୍ୟର ବିବିଧତା ବୃଦ୍ଧି ପାଇଁ ଘର ପାଖରେ ୧୭ ପ୍ରକାର ପରିବା ଗଛ ଲଗାଇ ପୁଷ୍ଟି ବଗିଚା ତିଆରି କରୁଛନ୍ତି। ଏ ନେଇ ମାସିକ ବୈଠକ କରାଯାଉଛି।

# ସ୍ୱଳ୍ପ ବର୍ଷା, ଚାଷ ବିଳମ୍ବ

ରାୟଗଡ଼ା,୧୭।୮(ଆଶିଷ ରଞ୍ଜନ ପଣ୍ଡା)



ବର୍ଷା ଅଭାବ କାରଣରୁ ଚାଷ ନହୋଇ ପଡ଼ିଆ ପଡ଼ିରହିଛି ଜମି ।

**ଚାଷକୁ ନେଇ ଚିନ୍ତାରେ ଚାଷୀ**

ଚଳିତ ଥର ଯୋଡ଼ା ଶ୍ରାବଣ ପଡିଥିବା ବେଳେ ଅଗଷ୍ଟ ଶେଷ ହେବାକୁ ବସିଲାଣି। କିନ୍ତୁ ଆବଶ୍ୟକ ପରିମାଣ ବର୍ଷା ହେଉନଥିବାରୁ ରାୟଗଡା ଜିଲାରେ ଚାଷ ବିଳମ୍ବ ହୋଇଛି। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ସ୍ୱଳ୍ପ ବର୍ଷାକୁ ନେଇ କେମିତି ଧାନ ରୁଆ କାମ ଶେଷ କରିବେ ସେ ନେଇ ଚିନ୍ତା ବଢିଛି। ଜିଲାରେ ୨୦୦ ମିଲି ମିଟର ବର୍ଷାର ଆବଶ୍ୟକତା ଥିବା ବେଳେ ଗୁରୁବାର ସୁଦ୍ଧା ୧୨୦ ମି.ମି. ବର୍ଷା ହୋଇଥିବା କୃଷି ବିଭାଗ ପକ୍ଷରୁ ଜଣାପଡ଼ିଛି।

କୃଷି ବିଭାଗ ସୂଚନା ଅନୁସାରେ, ସମଗ୍ର ରାୟଗଡା ଜିଲାରେ ଚଳିତ ବର୍ଷ ୧ ଲକ୍ଷ ୮୨ ହଜାର ୬୦୪ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ କରିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ସେଥିରୁ ୪୭ ହଜାର ହେକ୍ଟର ଜମିରେ ଧାନ, ୪୮ ହଜାର ହେକ୍ଟରରେ କପା, ୨୧ ହଜାର ହେକ୍ଟରରେ ମାଣ୍ଡିଆ, ୧୪ ହଜାର ହେକ୍ଟରରେ ମକା, ୧୨ ହଜାର ହେକ୍ଟରରେ ହରଡ ଓ ୧୪ ହଜାର ହେକ୍ଟରରେ ପରିବା ଚାଷ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସିଂହଭାଗ ଜମିରେ ଧାନ ଓ କପା ଚାଷ ହୋଇଥାଏ। ଚଳିତ ବର୍ଷ କୃଷି ବିଭାଗ ପକ୍ଷରୁ ୨୮ହଜାର ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮୯୩୩ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ଜୁନରେ ବର୍ଷା ବିଳମ୍ବରେ ହୋଇଥିବାରୁ ବିହନ ବିଳମ୍ବରେ ପଡ଼ିଥିବା ବେଳେ ବର୍ତ୍ତମାନ ଅଭାବୀ ବର୍ଷା ଯୋଗୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି। ୧୮୯୬୬ ହେକ୍ଟରରୁ ୧୨୬୩୮ ହେକ୍ଟର ଜମିରେ ଧାନ ରୁଆ ହୋଇଥିବା ବେଳେ ୬୩୨୮ହେକ୍ଟର ଜମିରେ ଧାନ ବୁଣା ସରିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ବହୁ ପରିମାଣରେ ଚାଷ ଜମି ପଡ଼ିଆ ପଡ଼ିଥିବା ଦେଖିବାକୁ ମିଳିଛି।

୨୦୧୫ରେ ସମ୍ମୁଖୀନ ହୋଇଥିବା ସମସ୍ୟା କଥା ପୁଣି ଥରେ ଚାଷୀଙ୍କୁ ଆଶଙ୍କାରେ ପକାଇଛି। ୧୮୯୬୬ ହେକ୍ଟର ଧାନ ଚାଷ ମଧ୍ୟରୁ ରାୟଗଡ଼ା ବ୍ଲକରେ ୨୩୭୧ ହେକ୍ଟର, କୋଲନରା ବ୍ଲକରେ ୨୦୬୪ ହେକ୍ଟର, କଲ୍ୟାଣସିଂହପୁର ବ୍ଲକରେ ୨୩୩୨ ହେକ୍ଟର, କାଶୀପୁର ବ୍ଲକରେ ୪୧୮୦ ହେକ୍ଟର, ଗୁଣପୁର ବ୍ଲକରେ ୯୩୬ ହେକ୍ଟର, ପଦ୍ମପୁର ବ୍ଲକରେ ୧୨୫୫ ହେକ୍ଟର, ରାମନାଗୁଡ଼ା ବ୍ଲକରେ ୪୭୫ ହେକ୍ଟର, ଗୁଡ଼ାରି ବ୍ଲକରେ ୧୪୮୮ ହେକ୍ଟର, ବିଷମକଟକ ବ୍ଲକରେ ୧୧୨୫ ହେକ୍ଟର, ମୁନିଗୁଡ଼ା ବ୍ଲକରେ ୧୯୬୧ ହେକ୍ଟର ଓ ଚନ୍ଦ୍ରପୁର ବ୍ଲକରେ ୭୭୯ ହେକ୍ଟର ଜମିରେ ଧାନ ଚାଷ ହେଉଥିବା ଜଣାପଡ଼ିଛି।

ତେବେ ସ୍ୱଳ୍ପ ବର୍ଷା ଯୋଗୁ ଚାଷ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । କାରଣ ଜିଲାରେ ଆବଶ୍ୟକ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଚାଷୀ ବର୍ଷା ଉପରେ ନିର୍ଭରଶୀଳ । ତେବେ ଚଳିତ ବର୍ଷ ଚାଷ ବିଷୟରେ କୃଷି ବିଭାଗ ଉପ ନିର୍ଦ୍ଦେଶକ ମନୋଜ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ବର୍ଷା ହେବା ନେଇ ପାଣିପାଗ ବିଭାଗରୁ ସୂଚନା ମିଳିଛି । ଯଦି ଆବଶ୍ୟକ ପରିମାଣର ବର୍ଷା ହୁଏ ତେବେ ଚାଷ ନିଶ୍ଚୟ ଭଲ ହେବ ବୋଲି କହିଛନ୍ତି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ, ୨ ଆହତ

ଟିକିରି, ୧୭।୮ (ପ୍ରଫୁଲ୍ଲ କୁମାର ବେହେରା)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ଜଣଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଏପରି ଘଟଣା ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରି ଥାନା ପିତାଯୋଡି ଗ୍ରାମରେ ଘଟିଛି। ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ନାଥ ମାଝି।

ଗ୍ରମାର ରଥ ମାଝି ଓ ଅଦୁ ମାଝି ମକା ବାଡ ଜଗିବାକୁ ନିଜ ଜମିକୁ ଯିବାବେଳେ ନାଥ ମାଝୀ ସେଠାରେ ଏକ ଟାଙ୍ଗିଆ ନେଇ ପହଞ୍ଚି ଥିଲେ। ପ୍ରଥମେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ନାଥ ଗୋଡେଇ ଗୋଡେଇ ରଥ ଓ ଅଦୁଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଟିକିରି ଉକ୍ରଳ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅଦୁ ଗୁରୁତର ଥିବାରୁ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣକୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ସୂଚନା ମିଳିଛି। ଖବରପାଇ ଟିକିରି ଥାନାଧିକାରୀ ବିଶ୍ୱବନ୍ଦିନୀ ବାଗ ଓ ଅନ୍ୟ କର୍ମଚାରୀ ଘୋଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଆଣି ତଦନ୍ତ ପରେ କୋର୍ଟ ଚାଲାଣ କରିଛନ୍ତି। ଟିକିରି ଥାନାରେ କେସ୍ ୧୧୭/୨୩ ରେ ଦଫା ୩୨୪,୩୦୬,୩୦୭ରେ ମାମଲା ରୁଜୁ କରାଯାଇଛି।

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ




ହିତାଧିକାରୀଙ୍କୁ ସହାୟତା ଦିଆଯାଉଛି ।

ମୁନିଗୁଡା,୧୭।୮(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା କଲ୍ୟାଣ ମଣ୍ଡପଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଓ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଷମକଟକ ବିଧାୟକ ମାଧବୀ କଣ୍ଡାପାଣି, ଜିଲା ପରିଷଦ ସଭ୍ୟ ସନ୍ତୋଷ ସୁନା, ଜିଲା ଶ୍ରମ ଅଧିକାରୀ ଯସ୍ମୀନ ଶୁଭଦର୍ଶିନୀ ସାହୁ ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ। ଶିବିରରେ ୭୧ ପଞ୍ଜିକୃତ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁ ଓ ଅନ୍ତେଷ୍ଟିକ୍ରିୟା ଜନିତ ସହାୟତା ରାଶି ସ୍ୱରୂପ ୧ଲକ୍ଷ ୫୩ ହଜାର, ୮୨ ଜଣ ପଞ୍ଜିକୃତ ହିତାଧିକାରୀଙ୍କ ସନ୍ତାନଙ୍କ ଶିକ୍ଷା ନିମନ୍ତେ ୩ ଲକ୍ଷ ୬୦ ହଜାର ୪୩ ଜଣ ପଞ୍ଜିକୃତ ହିତାଧିକାରୀଙ୍କ ଝିଅ ବିବାହ ସହାୟତା ନିମନ୍ତେ ୨୧ଲକ୍ଷ ୫୦ ହଜାର ଓ ୭ ଜଣ ପଞ୍ଜିକୃତ ମହିଳା ଶ୍ରମିକଙ୍କୁ ପ୍ରସୂତୀକାଳୀନ ସହାୟତା ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୋଟ ୨୮୫ ହିତାଧିକାରୀଙ୍କୁ ଟ ୧,୮୨,୬୦,୦୦୦ ଟଙ୍କା ପ୍ରଦାନ କରାଯାଇଛି ।

## ସ୍କୁଲ ପରିଦର୍ଶନ, ଶିକ୍ଷା ବ୍ୟବସ୍ଥା ସମୀକ୍ଷା

ରାୟଗଡ଼ା, ୧୭।୮(ଭାଗ୍ୟଶ୍ରୀ ମିଶ୍ର)

**ରାୟଗଡ଼ା ଗସ୍ତରେ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ମନୋଜ କୁମାର ପାଢୀ ରାୟଗଡା ଗସ୍ତରେ ଆସିଛନ୍ତି। ସେ ବିଭିନ୍ନ ସ୍କୁଲ ବୁଲି ଦେଖିବା ସହ ଶିକ୍ଷା ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଛନ୍ତି।

ବୁଧବାର ସନ୍ଧ୍ୟାରେ ଜିଲାର ଶିକ୍ଷା ବ୍ୟବସ୍ଥା, ଶିକ୍ଷୟତ୍ରୀଶିକ୍ଷକଙ୍କ ସମସ୍ୟା ସହ ସରକାରଙ୍କ ପକ୍ଷରୁ ମିଳୁଥିବା ଅନୁଦାନ ରାଶୀର ଠିକ୍ ବିନିଯୋଗ କରିବା ନେଇ ସମୀକ୍ଷା କରିଥିଲେ। ଗୁରୁବାର ସକାଳୁ ସେ କୋଲନରା ବ୍ଲକର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ରାୟଗଡା ବ୍ଲକର ବୀରନାରାୟଣପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣ ସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଗଙ୍ଗାଧର ମେହେର ଶିକ୍ଷାମାନ ବୃଦ୍ଧି ଯୋଜନା, ସାଇକେଲ ଯୋଜନା, ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ର ପରିଧାନ ଯୋଜନା, ଶିକ୍ଷଣ କାର୍ଯ୍ୟକ୍ରମ, ପୋଷାକ ବଣ୍ଟନ, ମୋ ଡାଇରୀ, ପୁସ୍ତକ ଓ ନୋଟବୁକ୍ ବିତରଣ କାର୍ଯ୍ୟକ୍ରମଗୁଡିକର ତଦାରଖ କରିବା ସହ ବିଦ୍ୟାଳୟର ଭିତିଭୂମିର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ରାୟଗଡା ଜିଲା ସଦରସ୍ଥିତ ଗୋବିନ୍ଦ ଚନ୍ଦ୍ର ଦେବ ଜିସିଡି ଜିଲା ହାଇସ୍କୁଲ ପରିଦର୍ଶନରେ ଯାଇ ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ଜୀବନରେ ଜଣେ ଜଣେ ଆଦର୍ଶ ନାଗରିକ ହେବା ପାଇଁ ସେ ପରାମର୍ଶ ଦେଇଥିଲେ। ସ୍ମାର୍ଟ କ୍ଲାସ ରୁମ୍‌ଗୁଡିକ ବୁଲି ଦେଖିଥିଲେ। ଅତିରିକ୍ତ ସଚିବଙ୍କ ଗସ୍ତ ସମୟରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝି, ରାୟଗଡା ବିଇଓ ସୁଦୀପ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଗଣ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

## ଦାୟିତ୍ୱ ନେଲେ ରାୟଗଡା ଅତିରିକ୍ତ ଜିଲାପାଳ

ରାୟଗଡା,୧୭।୮ (ଭାଗ୍ୟଶ୍ରୀ ମିଶ୍ର)



ରାୟଗଡା ଜିଲା ଅତିରିକ୍ତ ଜିଲାପାଳଭାବେ ଭାସ୍କର ରୋଇତ କାର୍ଯ୍ୟରେ ଯୋଗଦେଇଛନ୍ତି। ଅତିରକ୍ତ ଜିଲାପାଳଙ୍କ ଦାୟିତ୍ୱରେ ଥିବା ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ଦିଲ୍ଲୀପ କୁମାର ବେହେରାଙ୍କ ନିକଟରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ଅତିରିକ୍ତ ଜିଲାପାଳଙ୍କୁ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ। ଜିଲା ବିକାଶରେ ପ୍ରଶାସନିକ କ୍ଷେତ୍ରରେ ଆବଶ୍ୟକ ସମସ୍ତ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବେ ବୋଲ ନୂତନ ଅତିରିକ୍ତ ଜିଲାପାଳ କହିଛନ୍ତି। ପ୍ରକାଶ ଯେ, ଭାସ୍କର ରୋଇତ ପୂର୍ବରୁ ନବରଙ୍ଗପୁର ଜିଲାର ଅତିରିକ୍ତ ଜିଲାପାଳ ଥିଲେ। ରାୟଗଡ଼ାର ତତ୍କାଳୀନ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଦେଓଗଡ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଭାବେ ବଦଳି କରାଯାଇଛି।

## ଝଞ୍ଜାବତୀ ନଦୀ ତଟରେ ଲାଗିଲା ୭୫ ଚାରା

ରାୟଗଡା,୧୭।୮ (ଭାଗ୍ୟଶ୍ରୀ ମିଶ୍ର )

ସ୍ୱାଧୀନତା ଦିବସ ପାଳନ ଅବସରରେ ରାୟଗଡା ଜିଲା ସଦର ବ୍ଲକ ହାଲୁଆ ପଞ୍ଚାୟତର ହାଲୁଆ ଗ୍ରାମରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାୟଗଡା ବନଖଣ୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହାଲୁଆ ସରପଞ୍ଚ ତାମାରାଓ ବିଡିକା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଭାକର ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର,ପଞ୍ଚାୟତ ସମିତି ସଭ୍ୟା ବାସନ୍ତି ଜାକାକା,ହାଲୁଆ ଗ୍ରାମବାସୀ, ଏସିଏଫ ସଞ୍ଜୀବ ପୃଷ୍ଟି,ବନାଞ୍ଚଳ ଅଧିକାରୀ ସଞ୍ଜୟ ଦାଶ,ବନପାଳ ଗୌରୀ ଶଙ୍କର ସାହୁ ପିଇଓ ଅଜିତ ହୋତା ପ୍ରମୁଖ ଉପସ୍ଥିତ ଥିଲେ। ହାଲୁଆ ଗ୍ରାମ ନିକଟରେ ପ୍ରବାହିତ ଝଞ୍ଜାବତୀ ନଦୀ ତଟରେ କରଞ୍ଜ, ବଉଳ, ଅର୍ଜୁନ, ପିସ୍ତାବାଦାମ, ଜାମୁକୋଳି, ନିମ, ମେହଗାନି,ଶିଶୁ ଆଦି ୭୫ଟି ଚାରା ରୋପଣ କରାଯାଇଥିଲା।

## ବିପଦର ବନ୍ଧୁ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର



ଶିବିରରେ ସଂଗଠନର ସଦସ୍ୟ ଓ ଅନ୍ୟମାନେ ।

ପଦ୍ମପୁର,୧୭।୮ (ପ୍ରଶାନ୍ତ କର)

**ସଂଗ୍ରହ ହେଲା ୫୨ୟୁନିଟ ରକ୍ତ**

ରକ୍ତଦାନ ଜୀବନ ଦାନ ସହ ସମାନ। ରକ୍ତର ବିକଳ୍ପ ନାହିଁ। ଏହାର ଅଭାବକୁ ଦୂର କରିବା ପାଇଁ ରାୟଗଡ ଜିଲା ପଦ୍ମପୁର ସଦର ମହକୁମାର କମ୍ୟୁନିଟି ହଲ୍‌ରେ ଗୁରୁବାର ବିପଦର ବନ୍ଧୁ ଅନୁଷ୍ଠାନ ଓ ପଦ୍ମପୁର ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ଆଇଆରବି ଭାମିନି ଦ୍ୱିତୀୟ ବାଟାଲିୟନର କାମାଣ୍ଡଣ୍ଟ ଦିପକ ଦେହୁରୀ,ସଙ୍ଗଠନ ସଭାପତି ରବିନ ସାହୁ, ସମ୍ପାଦକ ପି.କିଷ୍ଟାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସରପଞ୍ଚ ପ୍ରକାଶ କଣ୍ଡାଗିରି, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ମତ ରଖିଥିଲେ। ଗୁଣପୁର ରକ୍ତଭଣ୍ଡାରରୁ ଆସିଥିବା ଡାକ୍ତର ଶ୍ରୀଧର ଭୋଳଙ୍କ ଟିମ୍ ୫୨ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ଆଇଆରବି ଭାମିନିର ୧୨ ଜଣ ଯବାନ ଶିବିରରେ ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ସାହୁ,କିଶୋର ରାଓ, ପି. ଶ୍ରୀନିବାସ, ସମୀର ସାହୁ, ପ୍ରସନ୍ନ ଚିନି, ସୁନିଲ ଆଚାରୀ, ରଶ୍ମି ରଞ୍ଜନ, ସନ୍ତୋଷ ସାହୁ, କୈଳାସ କ୍ରାସ୍କା, ଗୋଦାବରୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ସେନାରେ ଯୋଗଦେଇ ଦେଶ ସେବା କରିବା ପରାମର୍ଶ

ରାୟଗଡା,୧୭।୮(ଭାଗ୍ୟଶ୍ରୀ ମିଶ୍ର)

**କଲେଜରେ କ୍ୟାରିୟର କାଉନ୍‌ସିଲିଂ କର୍ମଶାଳା**

କ୍ୟାରିୟର କାଉନ୍‌ସିଲିଂ ଏବଂ ପ୍ଲେସ୍‌ମେଣ୍ଟକୁ ନେଇ ଏକ କର୍ମଶାଳା ରାୟଗଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଗୁରୁବାର ଆୟୋଜିତ ହୋଇଛି। କଲେଜର ଗୋଲଡେନ ଜୁବିଲି କନ୍‌ଫରେନ୍ସ ହଲ୍‌ରେ ଜିଲା ନିୟୋଜନ କାର୍ଯ୍ୟାଳୟ, ଗୋପାଳପୁରସ୍ଥିତ ଇଣ୍ଡିଆନ ଆର୍ମଡ ଫୋର୍ସର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ବବିଲତା ସୋରଫ ଅତିଥିଙ୍କୁ ସ୍ୱାଗତ ଜଣାଇଛନ୍ତି। ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ସୁବେଦାର ମେଜର ସହାୟକ ଆର୍ମି ନିୟୋଜନ ଅଧିକାରୀ ସଞ୍ଜୀବ କୁମାର ଦୀକ୍ଷିତ୍ ଛାତ୍ରୀଛାତ୍ରଙ୍କୁ ଆର୍ମିରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ଇଚ୍ଛା ଓ ଆଗ୍ରହ ଥିଲେ ସବୁ କିଛି କରିହେବ। ସେନାରେ ଯୋଗଦେଇ ଦେଶ ସେବା କରିବାକୁ ସେମାନେ କହିଛନ୍ତି। ମହାବିଦ୍ୟାଳୟ କ୍ୟାରିୟର କାଉନ୍‌ସିଲିଂ ସେଲ କୋଅର୍ଡିନେଟର ସୁମନ୍ତ ସାହୁ ପରିଚାଳନା କରିଛନ୍ତି। ପୂର୍ବତନ କ୍ୟାରିୟର କାଉନ୍‌ସିଲର କୋଅର୍ଡିନେଟ ପ୍ରଦୀପ ସାମନ୍ତ, ମହାବିଦ୍ୟାଳୟର ୧୦୦ଛାତ୍ରୀଛାତ୍ର, ଏନ୍‌ସିସି କ୍ୟାଡଟ ଓ କଲେଜ ଅଧାପିକା, ଅଧାପକ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତଥିମାନେ।

## ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି ବୁଲାଗୋରୁ

ମୁନିଗୁଡ଼ା,୧୭।୮(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡା ଜିଲା ମୁନଗୁଡା ସଦର ମହକୁମାସ୍ଥିତ ମୁନିଖୋଲ ମଶାଣି ନାଳଠାରୁ କ୍ଲଷ୍ଟର କଲ୍ୟାଣ ମଣ୍ଡପ ସମ୍ମୁଖ ରାଜପଥ ଉପରେ ଗୋରୁମାନଙ୍କ ପାଇଁ ଟ୍ରାଫିକ ସମସ୍ୟା ସୃଟି ହେଉଛି। ଏହି ଗୋରୁମାନେ ବଜାରର ଖାଦ୍ୟପତ୍ର,ପ୍ଲାଷ୍ଟିକ ଜରି,ପରିବା ଚୋପା ଖାଇ ଏଣେତେଣେ ରାସ୍ତାରେ ଘୁରି ବୁଲନ୍ତି। ଗୋମାତା ରୂପେ ଗୋର ପାଳୁଥିବା ମାଲିକମାନେ ସକାଳୁ ଗାଈଠାରୁ କ୍ଷୀର ଦୁହିଁ ସାରି ସେମାନଙ୍କୁ ରାସ୍ତା ଉପରକୁ ଛାଡି ଦେଉଛନ୍ତି। ଫଳରେ ଦିନସାରା ବୁଲି ଖାଇ ଗୋରୁଗୁଡିକ ରାସ୍ତା ମଝିରେ ଶୋଇ ରହୁଛନ୍ତି। ଯାହାଦ୍ୱାରା ଗାଡ଼ିମୋଟର ଚଳାଚଳରେ ବାଧା ସୃଷ୍ଟି ହେବା ସହ ଅନେକସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଯଦି କୌଣସି ଗୋରୁ ଦୁର୍ଘଟଣାର ଶିକାର ହେଲା ତେବେ କୌଣସି ମାଲିକ ଥାନାକୁ ଏତଲା ଦେବାକୁ ଆସନ୍ତିନାହିଁ। ମାଲିକର ଙ୍କ ଖବର ସଂଗ୍ରହ କରି ତାଙ୍କୁ ଜଣାଇଲେ ସେଇଟା ଆମରଗାଈ ନୁହେଁ ବୋଲି କହିଥାନ୍ତି। ଗୋରୁଙ୍କ ଯୋଗୁ ରାସ୍ତାରେ ଯିବାକୁ ସାଧାରଣ ଲୋକେ ଭୟ କରନ୍ତି। ଏକ ପରିସଂଖ୍ୟାନ ଅନୁଯାୟୀ ଗତ ଦୁଇ ତିନି ବର୍ଷ ମଧ୍ୟରେ ଏହି ବ୍ଲକରେ ୧୨୭ ବୁଲା ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ନିକଟରେ ମୁନିଗୁଡ଼ା ଥାନାରେ ଆଇଆଇସି ସୌଦାମିନୀ ବେହେରା ଓ ଏସଡିପିଓ ସନ୍ତୋଷିନୀ ଓରାମଙ୍କୁ ପ୍ରେସ କ୍ଲବ ପକ୍ଷରୁ କର୍ମକର୍ତ୍ତାମାନେ ଭେଟିଥିବା ବେଳେ ଗୋରୁଙ୍କୁ ନେଇ ସହରରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ହିକୁମତୋଳା ଛକଠାରେ ଅନେକ ଗୋରୁ ଗାଈ ରାସ୍ତା ଅବରୋଧ କରି ଶୋଇ ରହୁଥିବା ଦେଖିବାକୁ ମିଳୁଛି।ଏଥିପ୍ରତିଦୃଷ୍ଟିଦେଇ ପଞ୍ଚାୟତ କର୍ତ୍ତୃପକ୍ଷ ଗୋରୁଗାଈଙ୍କ ପାଇଁ କାଞ୍ଜିଆହୁଦାର ବ୍ୟବସ୍ଥା କରିବାକୁ ଦାବି ହେଉଛି।




## ନାହିଁ ନାହିଁରେ ଚାଲିଛି ଗୁଡ଼ାରି ଉପଡାକଘର

ଗୁଡ଼ାରି, ୧୭।୮(ପ୍ରମୋଦ କୁମାର ପତି)




ସାଧାରଣ ଜନତାଙ୍କ ସ୍ୱାର୍ଥ ପୂରଣ କରିବା ପାଇଁ କେନ୍ଦ୍ର ସରକାର ଡାକ ଘରଗୁଡ଼ିକ ଆଧୁନିକିକରଣ କରି ବହୁ ସୁବିଧା ଯୋଗାଇ ଦେଇଛନ୍ତି। କିନ୍ତୁ ଗୁଡ଼ାରି ଉପ ଡାକଘର କାର୍ଯ୍ୟାଳୟରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ନେଟ୍‌ୱର୍କ ନାହିଁ, ସର୍ଭର ଡାଉନ, ଆଧାର କାର୍ଡ କାମ ବନ୍ଦ ଅଛି, ଆଧାର କାର୍ଡ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଆଇଡି ନାହିଁ, ଲଫାଫା ସରିଯାଇଛି, ନୂଆ ଆକାଉଣ୍ଟ ଏବେ ହେବ ନାହିଁ, ସ୍ପିଡପୋଷ୍ଟ ଆଜି ହେବନାହିଁ ବୋଲି ଏଠାରେ ସବୁବେଳେ ଶୁଣିବାକୁ ମିଳୁଛି।

ସହରର ଲାଡି ସାହିରେ ଉପ ଡାକଘର କାର୍ଯ୍ୟାଳୟ ଦୀର୍ଘ ବର୍ଷ ଧରିକାର୍ଯ୍ୟ ରହିଛି। କାର୍ଯ୍ୟାଳୟକୁ ଯିବାକୁ ଉଚ୍ଚ ଅଣଓସାରିଆ ପାହାଚ ଅଛି। ଫଳରେ ବୟସ୍କ ବ୍ୟକ୍ତି ଏହି ପାହାଚ ଦେଇ ଯାଆସ କରିବା କଷ୍ଟକର ହେଉଛି। ଏକ ଛୋଟ ସ୍ଥାନରେ ଏହି କାର୍ଯ୍ୟାଳୟ ଥିବାରୁ ଡାକଘର ଉପଭୋକ୍ତାଙ୍କ ନିମନ୍ତେ ବସିବା ପାଇଁ କିମ୍ବା ଫର୍ମ ପୂରଣ କରିବା ନିମନ୍ତେ ଆଦୌ ସୁବିଧା ନାହିଁ। କାର୍ଯ୍ୟାଳୟ ପରିସରରେ କର୍ମଚାରୀ ଙ୍କ ନିମନ୍ତେ ବସିବା ପାଇଁ ଆବଶ୍ୟକ ଚୌକି ବି ନାହିଁ ବୋଲି କାର୍ଯ୍ୟରତ ପୋଷ୍ଟମାଷ୍ଟର ନରହରି ନାୟକ କହିଛନ୍ତି। ଏହାର ଛାତ ଅତି ପୁରୁଣା ହୋଇଥିବାରୁ ଛାତରୁ ବେଳେବେଳେ ପ୍ଲାଷ୍ଟର ଖସୁଛି। ଏହାଛଡା କାର୍ଯ୍ୟାଳୟର ଛାତରୁ ବର୍ଷା ଦିନେ ପାଣି ଝରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ନଷ୍ଟ ହେଉଛି। ଉଭୟ ପାର୍ଶ୍ୱରେ ଭଙ୍ଗା ଘର ଓ ଖାଲି ସ୍ଥାନ ଥିବାରୁ ଡାକଘରୁ ଚୋରି ହେବା ଆଶଙ୍କାକୁ ମଧ ଏଡାଇ ଦିଆ ଯାଇ ନ ପାରେ। ଏହି ସାହିର ରାସ୍ତା ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହୋଇଥିବାରୁ ସାଇକେଲ କିମ୍ବା ମୋଟର ସାଇକେଲ ରଖି କାର୍ଯ୍ୟାଳୟକୁ ଯିବା ସୁବିଧା ମଧ୍ୟ ନାହିଁ। ସହରର ଅନ୍ୟ କୌଣସି ସ୍ଥାନରେ ଡାକଘର ନିମନ୍ତେ ଘର ସ୍ଥାନାନ୍ତର କରିବାକୁ ବାରମ୍ବାର ବିଭାଗୀୟ ଉଚ୍ଚ ପଦସ୍ଥ ଅଧକାରୀଙ୍କୁ ଅନୁରୋଧ କରାଯାଇଛି। କିନ୍ତୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ତ୍ତମାନ ପରିସ୍ଥିତିରେ ଲୋକଙ୍କୁ ଡାକଘରର ଆବଶ୍ୟକତା ରହୁଥିବା ବେଳେ ଗୁଡ଼ାରିବାସୀ ଏହି ସୁବିଧା ରୁ ବଞ୍ଚିତ ଅଛନ୍ତି। ସହରବାସୀଙ୍କ ସୁବିଧା ନିମନ୍ତେ ଅନ୍ୟ କୌଣସି ଓସାରିଆ ସ୍ଥାନକୁ ଡାକଘର ସ୍ଥାନାନ୍ତର କରିବାକୁ ଦାବି ହୋଇଛି। ଏପରି ହେଲେ ସହରବାସୀ ଓ ସ୍ଥାନୀୟ ଲୋକେ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

**କାର୍ଯ୍ୟରେ ଯୋଗ ଦେଲେ ନୂଆ ଆଇଆଇସି**

ସେମିଳିଗୁଡା/ସୁନାବେଡା,(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)- ସେମିଳିଗୁଡା ଆଦର୍ଶ ଥାନାରେ ନୂଆ ଆଇଆଇସି ଭାବେ ସଚ୍ଚିଦ୍ର ପ୍ରଧାନ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ କଳାହାଣ୍ଡି ଜିଲାରୁ ବଦଳି ହୋଇ ଏଠାକୁ ଆସିଛନ୍ତି ସେମିଳିଗୁଡା ଅଞ୍ଚଳରେ ଚୋରି ଡକାୟତି ଭଳି ବିଭିନ୍ନ ଅପରାଧ ଓ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ଏଠାରେ ଥିବା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କ କଳାହାଣ୍ଡି ଜିଲାକୁ ବଦଳି ହୋଇଛି।



## ସଂକ୍ଷେପରେ

### ୨ ଗଞ୍ଜେଇ ଚାଲାଣକାରୀ ଗିରଫ

ପାପଡାହାଣ୍ଡି, ୧୭।୮(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ମୃଗ ବିହାର ନିକଟରୁ ଅବକାରୀ ବିଭାଗ କର୍ମଚାରୀ ଗୁରୁବାର ୨ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଗଙ୍ଗପୁର ଥାନା ଅଞ୍ଚଳର କାନ୍ଦ୍ରାବୋଳି ଗ୍ରାମର ଡି. ବିଜୟ କୁମାର ପାତ୍ର (୧୮) ଓ କୋରାପୁଟ ଜିଲା ବୈପାରୀଗୁଡା ଥାନା କୁମ୍ଭାରଗୁଡା ଗ୍ରାମର ଝାଳି ହରିଜନ (୩୮)। ନବରଙ୍ଗପୁରରୁ ପାପଡାହାଣ୍ଡିକୁ ଗଞ୍ଜେଇ ଚାଲାଣ ଖବରପାଇ ଜିଲା ଅବକାରୀ ଆରକ୍ଷୀ ଅଧିକ୍ଷକ ଗଙ୍ଗା ପାଇକରାୟଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଓଆଇସି ଦେସରାଜ ସୁନା, ଏଏସ୍ଆଇ ଅମୀୟ ଖଞ୍ଜି ମୃଗ ବିହାର ନିକଟରେ ଗାଡି ଯାଞ୍ଚ କରୁଥିଲେ। ବାଇକ (ଓଡ଼ି-୧୦ସି-୩୭୯୦)ରେ ଏକ ଜରି ବ୍ୟାଗରୁ ୫ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। କେସ ନମ୍ବର ୭୫/୨୦୨୩ରେ ମାମଲା ରୁଜୁ କରାଯାଇଛି। ଗଞ୍ଜେଇ ଜବତ ସମୟରେ ଅବକାରୀ ସିପାହୀ ଗୋଭୁଲ ନାୟକ, ରଞ୍ଜିତ ସିଂ, ଉତ୍ତମ ମାହାକୁଡ ଉପସ୍ଥିତ ଥିଲେ।

### ରାଜପଥରୁ ମୃତଦେହ ଜବତ : ହତ୍ୟା ସନ୍ଦେହ

କୋରାପୁଟ,୧୭।୮(ଅମିତାଭ ବେହେରା )

କୋରାପୁଟ-ରାୟଗଡା ୩୨୬ନଂ.ଜାତୀୟ ରାଜପଥର ରୁଣ୍ଡିଆମ୍ବ ନିକଟରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ତେବେ ଏହା ଏକ ହତ୍ୟା ନା ଦୁର୍ଘଟଣା ଜନିତ ମୃତ୍ୟୁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ପରେ କୋରାପୁଟ ସଦର ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ କୋରାପୁଟ ସଦର ଅନ୍ତର୍ଗତ ବାଗରାଗୁଡ଼ା ଗ୍ରାମର ବନ୍ଧୁ ଭୋଇ (୨୩)। ମଙ୍ଗଳବାରଠାରୁ ବନ୍ଧୁ କାମକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ସମ୍ପର୍କରେ ଖବର ପାଇବା ପରେ ପରିବାର ଲୋକେ ଏବଂ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ପରିବାର ଲୋକେ ଏନେଇ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଏହା ହତ୍ୟା କି ଦୁର୍ଘଟଣାଜନିତ ମୃତ୍ୟୁ ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଦାଦନ ଶ୍ରମିକ ବିଶାଖାପାଟଣାରେ ମୃତ

ଦଶମନ୍ତପୁର,୧୭।୮( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତ ପୋଖାର ଗ୍ରାମର ଜଣେ ବ୍ୟକ୍ତି ବିଶାଖାପାଟଣାରେ ଦାଦନ ଖଟିବାକୁ ଯାଇ ଜୀବନ ହାରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗଙ୍ଗା ମିଣିଆକାଙ୍କ ପୁଅ ଜାଗା ମିଣିଆକା।ଗ୍ରାମରେ କୌଣସି କାମ ନ ମିଳିବାରୁ ଜାଗା ଗତ ସୋମବାର ଗ୍ରାମର ୧୦ ଜଣ ସାଥୀଙ୍କ ସହ କାମ କରିବା ପାଇଁ ବିଶାଖାପାଟଣାର ଆଙ୍କାପାଲିରେ ଥିବା ଏକ ଔଷଧ କାରଖାନାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କିଛି ଦିନ ହେଲା ସେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହୋଇ ପଡିଥିଲେ। ଫଳରେ ଜାଗାଙ୍କ ମୃତ୍ୟୁ ଘଟିଥିଲା ବୋଲି ତାଙ୍କ ସହ ଯାଇଥିବା ସାଥୀମାନେ ପ୍ରକାଶ କରିଛନ୍ତି।

### ବୁଲା ଗୋରୁ ମାଲିକଙ୍କଠାରୁ ଜରିମାନା ଆଦାୟ କଲା ପୌରପାଳିକା

ଜୟପୁର, ୧୭।୮(ପବନ ପାଣିଗ୍ରାହୀ)

ଜୟପୁର ସହରରେ ବୁଲା ଗୋରୁଗାଈ ମାଲିକଙ୍କଠାରୁ ପୌରପାଳିକା ଜରିମାନା ଆଦାୟ କରିଛି। ଗୋରୁଗାଈଙ୍କ ପାଇଁ ଜୟପୁର ସହରର ରାସ୍ତା ଓ ଜାତୀୟ ରାଜପଥ ଯେପରି ଗାଈ ଗୁହାଳ ପାଲଟିଛି। ସହରରେ ଦିନକୁ ଦିନ ବୁଲା ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥି ପ୍ରତେହ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ଗୋରୁଗୁଡିକ ଦୀର୍ଘ ସମୟ ଧରି ରାସ୍ତାରେ ବସି ରହୁଥିବାରୁ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖାଦେଉଛି। ୨୬ ନଂ. ଜାତୀୟ ରାଜପଥ, ମୁଖ୍ୟ ରାସ୍ତା ଏବଂ ରଜାନହର ଛକ ରେ ବହୁ ସଂଖ୍ୟାରେ ଏମାନେ ଚଳପ୍ରଚଳ କରିଥାନ୍ତି। କିଛି ଗାଈ



ମାଲିକ କ୍ଷୀର ଦୁହିଁବା ପରେ ଗାଈଗୁଡିକୁ ଖୋଲାଛାଡି ଦେଉଥିବା ଜଣାଯାଇଛି। ଏପରି ଅଭିଯୋଗ ଆସିବା ପରେ ଜୟପୁର ପୌରପାଳିକା ସହରର ମୁଖ୍ୟ ରାସ୍ତା ଓ କୁମ୍ଭାର ସାହିରେ ୧୮ଟି ଗାଈ,ମଇଁଷି ଙ୍କୁ ଧରି ଗୋଶାଳା ପଠାଇଛି। ପରେ ୧୪ ଜଣ ଗାଈ ମାଲିକ ଆସି ୭ ହଜାର ଟଙ୍କା ଦେଇ ସେମାନଙ୍କ ଗାଈ ନେଇଥିବା ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି ।

# ସଫାସୁତରା, ଖାଦ୍ୟ ବ୍ୟବସ୍ଥା ତଦାରଖ କଲେ

ପଟ୍ଟାଙ୍ଗି/କୋରାପୁଟ,୧୭।୮
(ଶରତ ଧଳ/ଅମିତାଭ ବେହେରା)



ସମୀକ୍ଷା ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ରାଜ୍ୟ ଖାଦ୍ୟ ଆୟୋଗ ସଚିବ ଅବନୀକାନ୍ତ ସାହୁ କୋରାପୁଟ ଜିଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ସେ ବିଭିନ୍ନ ବ୍ଲକ ଗସ୍ତ କରି ଖାଦ୍ୟ ସୁରକ୍ଷା, ପରିବେଶ ପରିଚ୍ଛନ୍ନତା ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି। ଏପରିସ୍ଥଳେ ବିଭାଗୀୟ ଅଧିକାରୀ ନିଜ କାର୍ଯ୍ୟାଳୟ କର୍ମଚାରୀ ଓ ଶିକ୍ଷା ଅନୁଷ୍ଠାନକୁ ସଫା ସୁତରା ରଖିବାକୁ ସତର୍କ କରାଇ ଦେଉଥିବା ଦେଖିବାକୁ ମିଳୁଛି। ସଚିବ ସାହୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ବିଦ୍ୟାଳୟକୁ ସଫାସୁତୁରା ରଖିବା, ଛାତ୍ରୀଛାତ୍ରଙ୍କୁ ଉତ୍ତମ ଖାଦ୍ୟ ଦେବା ନେଇ ଗୁରୁତ୍ୱାରୋପ କରୁଛନ୍ତି। ସାହୁ ଶୁକ୍ରବାର ବ୍ଲକରେ ପହଞ୍ଚି କେତେକ ବିଦ୍ୟାଳୟ ଗସ୍ତ କରି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ସହ ବିଦ୍ୟାଳୟ ପରିବେଶ ତଦାରଖ କରିବାର କାର୍ଯ୍ୟକ୍ରମ ରହିଛି। ସମ୍ପୃକ୍ତ ଅଧିକାରୀଙ୍କ ଗସ୍ତକୁ ଦୃଷ୍ଟିରେ ବିଦ୍ୟାଳୟଗୁଡିକରେ ଚାଲିଥିବା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ସ୍ୱଛତା ଆଣିବାକୁ ଉଦ୍ୟମ କରାଯାଉଛି। ପ୍ରତ୍ୟେହ ଛାତ୍ରୀଛାତ୍ରଙ୍କୁ ଯେଉଁ ଭଳି ଖାଦ୍ୟ ପ୍ରଦାନ କରାଯାଉଥିଲା ତାକୁ ପରିବର୍ତ୍ତନ କରି ସେମାନଙ୍କୁ ଯେପରି ଉତ୍ତମ ଖାଦ୍ୟ ପ୍ରଦାନ କରାଯିବ ସେନେଇ ବ୍ଲକ ଶିକ୍ଷା ବିଭାଗରୁ ସୂଚନା ପାଇବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନାରେ ସତର୍କ ହୋଇଯାଇଛନ୍ତି। ମଧ୍ୟାହ୍ନ ଭୋଜନରେ ଚାଲିଥିବା ଦୁର୍ନୀତି କାଳେ ପଦାକୁ ଆସିଯିବ ଏହାକୁ ଦୃଷ୍ଟିରେ ରଖି ବିଭାଗ ବେଶ୍ ସଚେତନ ରହିଥିବା ଲକ୍ଷ୍ୟ କରାଯାଉଛି।

କୋରାପୁଟ ଜିଲାରେ ବିଭିନ୍ନ ସ୍କୁଲ ଓ ହଷ୍ଟେଲରେ ପିଲାଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ମାନ, ଜିଲାର ଥିବା ସ୍ୱାସ୍ଥ୍ୟ ବିଭାଗର ଶିଶୁ ବିଭାଗରେ କିପରି ଶିଶୁମାନଙ୍କୁ ଖାଦ୍ୟ ଓ ପାନୀୟ ଜଳ ଯୋଗାଣ ହେଉଛି ଏବଂ ଜିଲାର ବିଭିନ୍ନ ଅଙ୍ଗନୱାଡିରେ ପିଲାଙ୍କୁ କିପରି ଖାଦ୍ୟ ପ୍ରଦାନ କରାଯାଉଛି ପରଖିବାକୁ ଆସିଥିବା ରାଜ୍ୟ ଖାଦ୍ୟ ଆୟୋଜ ଅଧକ୍ଷ ସାହୁ ପଟ୍ଟାଙ୍ଗି ବ୍ଲକ ଗସ୍ତ ପରେ କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ସମୀକ୍ଷା

**ରାଜ୍ୟ ଖାଦ୍ୟ ଆୟୋଗଙ୍କ ଗସ୍ତ**

ବୈଠକ କରିଥିଲେ। ଜିଲା ଯୋଗାଣ, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ମଙ୍ଗଳ ବିଭାଗ ଓ ସାମାଜ ମଙ୍ଗଳ ବିଭାଗର ବିଭିନ୍ନ କାର୍ଯ୍ୟର ସେ ସମୀକ୍ଷା କରିଥିଲେ । ଗତ କିଛି ବର୍ଷ ହେବ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପଦବୀ ଖାଲି ପଡିଥିବାରୁ ଏହାକୁ ତୁରନ୍ତ ପୂରଣ କରିବାକୁ ସେ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଏହି ସମୟରେ ସାହୁ ଭୂମିହୀନ ଲୋକଙ୍କୁ ପଟ୍ଟା ପ୍ରଦାନ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସମୀକ୍ଷା ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢୀ, ଜିଲା ସାମାଜିକ ଅଧିକାରୀ ସିମାଞ୍ଚଳ ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି, ଜିଲା ସମାଜିକ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭଦ୍ରା, ଜିଲା ସାମାଜିକ ସମୀକ୍ଷକ ଅନିଲ ମହାରଣା, ଜିଲାର ସମସ୍ତ ତହସିଲଦାରମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ସ୍ଥିତି ସମ୍ପର୍କରେ ଜଣାଇଥିଲେ । ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା ପରିଚାଳନା କରିଥିଲେ। ଏହାପରେ ସେ କୋରାପୁଟସ୍ଥିତ ସହିଦ ମେଡିକାଲ କଲେଜର ଶିଶୁ ବିଭାଗ, କୋରାପୁଟ ସହରର ପୁଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ସାହୁ ସ୍କୁଲର ରୋଷେଇ ଗୃହକୁ ଯାଇ ଅନୁଧ୍ୟାନ କରିଥିଲେ। କେତେ ଛାତ୍ରୀଛାତ୍ର ଚଳିତବର୍ଷ କୃମିନାଶକ ବଟିକା ଖାଇଛନ୍ତି ତାହା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ।

# ସ୍ୱାସ୍ଥ୍ୟ ଶିବିର, ଆଶ୍ରମଗୃହ ପ୍ରବେଶ ଉତ୍ସବ




ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି ।

ମାଲକାନଗିରି,୧୭।୮(ଦୁର୍ଯ୍ୟୋଧନ ପାତ୍ର)

ଆନନ୍ଦମାର୍ଗ ୟୁନିଭର୍ସାଲ ରିଲିଫ ଟିମ୍ ପକ୍ଷରୁ ମାଲକାନଗିରି ଜିଲା ସଦରରେ ଗୁରୁବାର ଏକ ସ୍ୱାସ୍ଥ୍ୟ ଶିବିର ସହିତ ଜିଲା ଶାଖା ଆନନ୍ଦ ମାର୍ଗ ଯୋଗାଶ୍ରମ ସ୍କୁଲର ନୂତନ ଗୃହ ପ୍ରବେଶ ଉତ୍ସ ପାଳିତ ହୋଇଯାଇଛି। ନୂଆଗୁଡା ଆଦିବାସୀ ବସ୍ତିରେ ଟିମ୍ ଆଚାର୍ଯ୍ୟ ପରିପୂର୍ଣ୍ଣାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ନେପାଳ କାଠମୁଣ୍ଡୁର ଆଚାର୍ଯ୍ୟ ପରିବୋଧା ନନ୍ଦ, ସମ୍ମାନିତ ଅତିଥି ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ, ଆଚାର୍ଯ୍ୟ ଦେବରଞ୍ଜନା ନନ୍ଦ ଅବଦୂତ, ସାମ୍ବାଦିକ ରତ୍ନାକର ଦାଶ, ଡେପୁଟି କଲେକ୍ଟର ପ୍ରମୋଦ କୁମାର ବେହେରା, ଜିଲା ବଣିକ ସଂଘ ସଭାପତି ସୁରେଶ କୁମାର ସୋମାନୀ ଓ ନୂଆଗୁଡା ଚର୍ଚ୍ଚର ପାଷ୍ଟର୍ ମୁନି ଓ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଡ. ଜୟନ୍ତ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅତିଥିମାନେ ପ୍ରଥମେ ମୁଖ୍ୟ ଆନନ୍ଦ ମାର୍ଗ ଆଶ୍ରମର ପ୍ରତିଷ୍ଠାତା ମହାପୁରୁଷ ସାଧୁବାବା ଆନନ୍ଦଜୀଙ୍କ ଫଟୋରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ନୂତନ ଆଶ୍ରମ ଗୃହକୁ ପ୍ରବେଶ କରିବା ସହିତ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୂଆଗୁଡା ବସ୍ତିରେ ଆୟୁର୍ବେଦିକ ଶିବିର ଆୟୋଜନ କରାଯାଇଥିଲା। ଆୟୁଷ ଡାକ୍ତର ଦେବବ୍ରତ ସାହୁ ଓ ଡାକ୍ତର କଲ୍ୟାଣ ଗୁରୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଓମା ଗୁରୁକୁଳର ପ୍ରତିଷ୍ଠାତା ଆଜୀବନ ବ୍ରହ୍ମଚାରୀ ଓ ଆଶ୍ରମର ସଂରକ୍ଷକ ବିନାଶ କୁମାର ମିଶ୍ର ପରିଚାଳନା କରିଥିଲେ। ସମ୍ପାଦକ ଗଣେଶ କରିମ ଧନ୍ୟବାଦ ଅର୍ପଣ କରିଥିଲେ।

# ଦାନସୂତ୍ରରେ ମିଳିଥିବା ଜମି ଜବରଦଖଲ

**ଉଦ୍ଧାର ଦାବିରେ ଗଣଧାରଣା**

ଜୟପୁର, ୧୭।୮(ପବନ ପାଣିଗ୍ରାହୀ



ଜମି ଉଦ୍ଧାର ଲାଗି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯାଇଥିବା ଧାରଣା।

ଦାନସୂତ୍ରରେ ମିଳିଥିବା ଜମି ଜବରଦଖଲ ହୋଇଛି। ଏହାକୁ ଉଦ୍ଧାର କରିବା ଲାଗି ବାରମ୍ବାର ଉପଖଣ୍ଡ ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ କିଛି ସୁଫଳ ନ ମିଳିବାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ସମାଜିକ କର୍ମୀ ବି. ହରି ରାଓ, ମୁଗୁଡା ସୁରିୟା ନାରାୟଣା ଓ ସତ୍ୟବ୍ରତ ନନ୍ଦଙ୍କ ନେତୃତ୍ୱରେ ଦାନ ସୂତ୍ରରେ ଜମି ପାଇଥିବା ବ୍ୟକ୍ତିମାନେ ଧାରଣା ଦେଇଛନ୍ତି। ପ୍ରଶାସନ ଏହାକୁ ଗୁରୁତର ସହ ନେଇ ମୁଗୁଡା ସୁରିୟା ନାରାୟଣାଙ୍କ ଜମି ବ୍ୟତୀତ ସେ ଦାନସୂତ୍ରରେ ଦେଇଥିବା ଜମିକୁ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ଉଦ୍ଧାର କରିବା ଲାଗି ଦାବି କରାଯାଇଛି । ଏନେଇ ପ୍ରଶାସନ ପଦକ୍ଷେପ ନ ନେଲେ ଗଣଧାରଣା ଦେବାକୁ ଗତ ୯ ତାରିଖରେ ଦାବିପତ୍ର ଦେଇ ପ୍ରଶାସନକୁ ଅବଗତ କରାଯାଇଥିଲା। ଜୟପୁର ପ୍ରସାଦରାଓ ପେଟାର ମୁଗୁଡା ସୁରିୟା ନାରାୟଣା ତାଙ୍କର ଜଗନ୍ନାଥପୁର ମୌଜାରେ ଥିବା ୨.୩୦ ଏକର ଜମିକୁ ଗିରବ ଲୋକଙ୍କୁ ବଣ୍ଟନ କରିଥିଲେ। ଏହି ଜମିକୁ କେତେ ଜଣ ଆସାମାଜିକ ଲୋକ ଜବରଦଖଲ କରି ରଖିଛନ୍ତି । ଫଳରେ ଯେଉଁ ଲୋକମାନେ ଦାନ ସୂତ୍ରର ଜିମି ପାଇଛନ୍ତି ସେମାନେ ଚାହିଁଲେ ଜମି ଉପରେ ଗୃହ ନିର୍ମାଣ କରିପାରୁନାହାନ୍ତି। ଜବରରଦଖଲ କରିଥିବା ବ୍ୟକ୍ତିମାନେ ସେମାନଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଉଥିବା ଅଭିଯୋଗ କରିଛନ୍ତି।

### ସାଇକେଲ ଚୋରି ମାମଲାରେ ୩ ଗିରଫ

ଜୟପୁର, ୧୭।୮(ପବନ ପାଣିଗ୍ରାହୀ

ସାଇକେଲ ଚୋରି ମାମଲାରେ ଟାଉନଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଧାଙ୍ଗିଡିସାହିର କାଲୁ ପରଜା (୧୯), ବାଲିପେଟା ସାହିର ଜିତେନ ପଟ୍ଟନାୟକ (୨୨) ଓ ଏମଜିରୋଡର କାବାଡିବାଲା ପି.ରାଜୁ (୪୩) । ଜୟପୁର ଆଦର୍ଶନଗରରେ ରହୁଥିବା ରଜତ ଯାଦବ ଘର ସମ୍ମୁଖରେ ରଖିଥିବା ସାଇକେଲ ଚୋରି ହୋଇଯାଇଥିଲା। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସାଇକେଲ ଚୋରିର ଦୃଶ୍ୟ ସିସି କ୍ୟାମେରାରେ କଏଦ ହୋଇଥିଲା। ସିସି କ୍ୟାମେରା ଆଧାରରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେମାନେ ସାଇକେଲକୁ ଏମଜିରୋଡସ୍ଥିତ କବାଡି ଦୋକାନରେ ବିକିଥିବା କହିବା ପରେ ଏହାର ମାଲିକ ପି ରାଜୁଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ତଦନ୍ତ ଏଏସଆଇ ବିଷ୍ଣୁ ମାଡକାମି କରୁଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

# ଜିଲା କଂଗ୍ରେସର ଶକ୍ତି ସୁପର ସିର ପୋଷ୍ଟର ଉନ୍ମୋଚିତ



ପୋଷ୍ଟର ଉନ୍ମୋଚନ କରାଯାଉଛି ।

ମାଲକାନଗିରି,୧୭।୮(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଭାପତି ଶ୍ରୀନିବାସ ବିଭିଙ୍କ ନିର୍ଦ୍ଦେଶରେ ମହିଳା ସଶକ୍ତୀକରଣ ପାଇଁ ହେଉଥିବା ଶକ୍ତି ସୁପର ସି କାର୍ଯ୍ୟକ୍ରମର ପୋଷ୍ଟର ଜିଲା କଂଗ୍ରେସ ଭବନଠାରେ ଯୁବ କଂଗ୍ରେସ ସଭାପତି ମନୋଜ କୁମାର ନାୟକଙ୍କ ଉପସ୍ଥିତିରେ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସୋସିଆଲ ମିଡିଆ ସହ ସଂଯୋଜକ ବିଷ୍ଣୁପ୍ରସାଦ ବାକା, ମାଲକାନଗିରି ନିର୍ବାଚନମଣ୍ଡଳୀ ଯୁବ ସଭାପତି ସୁନୀଲ କୁମାର ସେଠୀ ଓ ଛାତ୍ର ସଭାପତି ସନ୍ତୋଷ ପଟ୍ଟନାୟକ ଏବଂ ଅଭିଷେକ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଦାବି ପୂରଣ ନେଇ ପିଇଓଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୧୭।୮(ପବନ ପାଣିଗ୍ରାହୀ

୨ ଦଫା ଦାବି ପୂରଣ ନେଇ ଶୁକ୍ରବାରଠାରୁ ପିଇଓମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ । ଏନେଇ ଜୟପୁର ପିଇଓ ସଂଘ ବିଡିଓ ରାଜୀବ ଦାସଙ୍କୁ ଏକ ଦାବିପତ୍ର ଦେଇ ଅବଗତ କରାଇଛନ୍ତି । ଏଥିରେ ଉଲ୍ଲେଖ ଅଛି, ରାଜ୍ୟ ସରକାରଙ୍କୁ ସେମାନଙ୍କ ୨ଟି ଦାବି ପୂରଣ ନେଇ ସେମାନେ ଦାବିପତ୍ର ଦେଇଥିଲେ। ୧୭ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସମସ୍ତ ପିଇଓ ଛୁଟିରେ ଯିବାକୁ ଉଲ୍ଲେଖ କରିଥିଲେ। ମାତ୍ର ରାଜ୍ୟ ସରକାର ଦାବି ପୂରଣ ନ କରିବାରୁ ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ୧୮ରୁ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ । ଏଥିପାଇଁ ବ୍ଲକରେ କାର୍ଯ୍ୟରତ ପିଇଓଙ୍କୁ ବ୍ଲକ ସଦର ମହକୁମା ଛାଡିବାକୁ ଅନୁମତି ଦେବା ଲାଗି ପିଇଓମାନେ ଏଥିରେ ଉଲ୍ଲେଖ କରିଛନ୍ତି। ପିଇଓଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଦରମା, ୧୦ ବର୍ଷ ପୂରଣ କରିଥିବା ପିଇଓଙ୍କୁ ଶତ ପ୍ରତିଶତ ଦରମା, ଡିଜିଡିଓକୁ ପଦୋନ୍ନତି ଆଦି ସେମାନଙ୍କ ଦାବି ରହିଛି। ଦାବିପତ୍ର ପ୍ରଦାନ ବେଳେ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ଜୟପୁର ବ୍ଲକ ଶାଖାର କୃଷ୍ଣଚନ୍ଦ୍ର ପାତ୍ର, ଚନ୍ଦ୍ର ଶେଖର ମହାପାତ୍ର, ଭାଗୀରଥି ନାୟକ, ଜୟଶ୍ରୀ ନାୟକ, ସନାତନ ପଣ୍ଡା, ଶିବ ପ୍ରଶାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓଙ୍କୁ ପିଇଓମାନେ ଦାବିପତ୍ର ଦେଉଛନ୍ତି।

### ପୋଲ ଉପରେ ବର୍ଷାପାଣି, ଅସୁବିଧା ଭୋଗୁଛନ୍ତି ଲୋକେ

ନନ୍ଦପୁର, ୧୭।୮
(ଶଙ୍କର ପୂଜାରୀ)



ନନ୍ଦପୁର ବ୍ଲକ ଦେଇ ଯାଇଥିବା ପୂର୍ବ ବିଭାଗ ଅଧୀନ ଜୟପୁର-ବିଶାଖାପାଟଣା ରାଜ୍ୟ ରାଜପଥ ଅସରାଏ ବର୍ଷାରେ ବେହାଲ ହୋଇଯାଉଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ରାସ୍ତା ଓ କୁଲାବିର ପଞ୍ଚାୟତର ବାଞ୍ଜିଲାପୁଟ ପୋଲ ଉପରେ ଆଣ୍ଠୁଏ ଲେଖାଏ ପାଣି ଜମା ହୋଇରହୁଛି। ଫଳରେ ଲୋକେ ଯାତାୟାତ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଲ ଉପରେ ବର୍ଷା ପାଣି ଜମା ହୋଇଥିବା ଦେଖି ସାମାଜିକ କର୍ମୀ ଉମାଶଙ୍କର ଜେନା ପୋଲରୁ ପାଣି ନିଷ୍କାସନ ପାଇଁ ଥିବା ଗର୍ତ୍ତଗୁଡ଼ିକ ସଫା କରି ଜଳ ନିଷ୍କାସନ ବ୍ୟବସ୍ଥା କରିଥିଲେ। ତାଙ୍କର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଜଙ୍ଗଲରୁ ୧୦୧ କିଲୋ ଗଞ୍ଜେଇ ଜବତ

ନନ୍ଦପୁର, ୧୭।୮
(ଶଙ୍କର ପୂଜାରୀ)



ଚୋରା ଚାଲାଣ ପାଇଁ ଜଙ୍ଗଲରେ ଗଚ୍ଛିତ ରଖିଥିବା ଗଞ୍ଜେଇକୁ ଗୁରୁବାର ପାଡୁଆ ପୋଲିସ ଜବତ କରିଛି। ଏହାର ପରିମାଣ ୧୦୧ କେଜି। ତେବେ ଜଙ୍ଗଲ ସୁବିଧା ହେତୁ ୨ଚାଲାଣକାରୀ ଖସି ପଳାଇଛନ୍ତି। ଏନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୀୟ ମହାପାତ୍ର କହିଛନ୍ତି। ନନ୍ଦକା ପଞ୍ଚାୟତର ବିଜାଗୁଡା ଜଙ୍ଗଲରେ ଚୋରାଚାଲାଣ ପାଇଁ ଗଞ୍ଜେଇ ଗଚ୍ଛିତ ଥିବା ନେଇ ଗୋଇନ୍ଦା ସୂଚନାକୁ ଆଧାର କରି ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋୟୀ, ଏସଆଇ ହୃଷୀକେଶ ବେନିଆ, ୨ଜଣ ଏଏସଆଇଙ୍କ ସହ ଆଇଆରବିଏନ ଯବାନଙ୍କୁ ନେଇ ଗଠିତ ଟିମ୍ ଜଙ୍ଗଲରେ ଚଢାଉ କରିଥିଲେ। ତେବେ ପୋଲିସକୁ ଦେଖି ଜଙ୍ଗଲରେ ସେହି ସମୟରେ ଉପସ୍ଥିତ ଥିବା ଦୁଇଜଣ ଖସି ପଳାଇଥିଲେ। ଘଟଣା ସ୍ଥଳରୁ ୫ଟି ବସ୍ତାରେ ଥିବା ଗଞ୍ଜେଇକୁ ପୋଲିସ ଜବତ କରି ଆଣିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଓଜନ କରିବାରୁ ଏହା ୧୦୧ କିଲୋ ହୋଇଥିଲା। ପାଡୁଆ ଥାନାରେ କେସ ନଂ. ୧୦୭/୨୩ରେ ମାମଲା ରୁଜୁ କରାଯାଇଛି। ଏସଆଇ ଦୀପକ ବାରିକ ଏହାର ତଦନ୍ତ ଦାୟିତ୍ୱରେ ଅଛନ୍ତି ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ଏକକ ବ୍ୟବହାର୍ଯ୍ୟ ପଲିଥିନ୍‌ମୁକ୍ତ ହେଲା ସରସ୍ୱତୀ ବିଦ୍ୟା ମନ୍ଦିର

ଦାମନଯୋଡି,୧୭।୮(ରାଧାକାନ୍ତ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡିସ୍ଥିତ ନାଲ୍‌କୋ ଦ୍ୱାରା ପରିଚାଳିତ ସରସ୍ୱତୀ ବିଦ୍ୟା ମନ୍ଦିର ଏକକ ବ୍ୟବହାର୍ଯ୍ୟ ପଲିଥିନ୍ ମୁକ୍ତ ବିଦ୍ୟାଳୟ ରୂପେ ଘୋଷଣା ହୋଇଛି। ଏଥିପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ସୁଶୀଲ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟକୁ ଏକକ ବ୍ୟବହାର୍ଯ୍ୟ ପଲିଥିନମୁକ୍ତ ବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା ନଦୀ ପୋଖରୀ, ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଗୋରୁଗାଈ ପଲିଥିନ୍ ଖାଇ ମୃତ୍ୟୁବରଣ କରୁଛନ୍ତି। ମଣିଷ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଏହି ଅବସରରେ ଏକ ସଚେତନତାମୂଳକ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ନାଲ୍‌କୋର ବିଭିନ୍ନ ବିଭାଗର ସମୂହ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀର ବରିଷ୍ଠ ଅଧିକାରୀ ମାନେ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ 'ପଲିଥିନ୍ ମୁକ୍ତ ବିଦ୍ୟାଳୟ' ଫଳକକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନେ ବିଦ୍ୟାଳୟ ସମେତ ଦାମନଯୋଡି ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳକୁ ପଲିଥିନ୍ ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପ୍ରୟାସ କରିବାକୁ ଶପଥ ପାଠ କରିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି ସ୍ୱାଗତ ସୂଚନା ଓ ସମ୍ପାଦକ ଅଶୋକ ନାୟକ ଧନ୍ୟବାଦ ଦେଇଥିଲେ।

# ପାଠପଢ଼ା, ବିଦ୍ୟାଳୟ ପରିବେଶ ବୁଲି ଦେଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

କୋରାପୁଟ/ଦଶମନ୍ତପୁର ୧୭।୮
(ଅମିତାଭ ବେହେରା/ଅରବିନ୍ଦ ନାୟକ)



ଶିକ୍ଷା ନିର୍ଦ୍ଦେଶକ ଶ୍ରେଣୀଗୃହ ବୁଲି ଦେଖୁଛନ୍ତି ।

ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ଗୁରୁବାର କୋରାପୁଟ ଜିଲା ଗସ୍ତରେ ଆସି ଜିଲାର ବିଭିନ୍ନ ବିଦ୍ୟାଳୟ ଓ ହଷ୍ଟେଲ ପରିଦର୍ଶନ କରି ସେଠାରେ ରହିଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାର ତଦାରଖ କରିଛନ୍ତି। ସ୍ଥାନୀୟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। କୋରାପୁଟ ଜିଲାର ପ୍ରାଥମିକ ଶିକ୍ଷାର ମାନ ବୃଦ୍ଧି କରିବା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ରହିଥିବା ବିଭିନ୍ନ ସମସ୍ୟା ଏବଂ ଶିକ୍ଷା ବିଭାଗର ବିଭିନ୍ନ ମାମଲା ଉପରେ ନିର୍ଦ୍ଦେଶକ ମିଶ୍ର ବ୍ଲକ ଶିକ୍ଷା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଯୋଗଦେଇ ଜିଲାରେ ଶିକ୍ଷାର ସ୍ଥିତି ଏବଂ ଶିକ୍ଷକମାନଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ।

ଏହି ଅବସରରେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ ପଞ୍ଚାୟତର ଉଚ୍ଚ ମାଧମିକ ବିଦ୍ୟାଳୟକୁ ନିର୍ଦ୍ଦେଶକ ମିଶ୍ର ପରିଦର୍ଶନ କରି ଶିକ୍ଷା ପ୍ରଦାନ ଏବଂ ବିଦ୍ୟାଳୟ ପରିବେଶକୁ ଦେଖି ପ୍ରଶଂସା କରିଛନ୍ତି। ପୂର୍ବାହ୍ନ ୯ଟାରେ ସେ ଏହି ବିଦ୍ୟାଳୟରେ ପହଞ୍ଚିଥିଲେ। ନୂଆ କରି ଆରମ୍ଭ ହୋଇଥିବା ଯୁକ୍ତ ୨ର ଶ୍ରେଣୀ ଗୃହ ଅନୁଧ୍ୟାନ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସହ ସେ ପାଠ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପାଠପଢା ଓ ବିଦ୍ୟାଳୟ ପରିବେଶକୁ ନେଇ ସେ ଛାତ୍ରୀଛାତ୍ରଙ୍କୁ ପଚାରିଥିବା ପ୍ରଶ୍ନର ଉତ୍ତର ଶୁଣି ଖୁସି ହୋଇଥିଲେ। ଏହି ସମୟରେ ନିର୍ଦ୍ଦେଶକ ମିଶ୍ର ଶ୍ରେଣୀ ଗୃହଗୁଡ଼ିକ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହ କୋଠରି ନିର୍ମାଣ ଲାଗି ଖୁବ୍ ଶୀଘ୍ର ଅର୍ଥ ମଞ୍ଜୁର କରିବାକୁ ସେ ଗୁରୁତ୍ୱ ଦେବେ ବୋଲି ଆଲୋଚନା ବେଳେ ପ୍ରତିଶ୍ରୁତି ଦେଇଥିଲେ। ନିର୍ଦ୍ଦେଶକ ମିଶ୍ର ଦଶମନ୍ତପୁର ବ୍ଲକ ସହ ଲକ୍ଷ୍ମୀପୁର ବ୍ଲକ ପରିଦର୍ଶନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ, ଦଶମନ୍ତପୁର ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘ ଉପସ୍ଥିତ ଥିଲେ।

